## ସଂକ୍ଷେପରେ

### ଚୋରି ବୋଲେରୋ, ବାଇକ ଉଦ୍ଧାର: ୨ ଗିରଫ




**ଲୋଇସିଂହା,୨୯।୭(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ଭରସୁଜା ଗାଁର ଏକ ବାଇକ ଚୋରି ଘଟଣାରେ ଆଗଲପୁର ପୋଲିସ ୨ଜଣଙ୍କୁ ଗରିଫ କରିଛି । ଅଭିଯୁକ୍ତମାନେ ହେଲେ ଭରସୁଜାର ଆକାଶ ସାହୁ ଓ ଗାଇସିଲା ଛକର କବାଡି ଦୋକାନ ମାଲିକ ଏକଲାଲ ଖାନ। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ସନାତନ ସାହୁ କହିଛନ୍ତି। ଏନେଇ ଥାନାରେ ଏକ ମାମଲା (୧୨୪/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଜୁଲାଇ ୨୪ତାରିଖରେ ଭରସୁଜା ଗ୍ରାମର ସତ୍ୟ ରଞ୍ଜନ ବେହେରାଙ୍କ ଘର ବାରଣ୍ଡାରୁ ତାଙ୍କ ବାଇକ(ଓଆର୦୩ଏଫ୍ ୧୩୪୨) ଚୋରି ହୋଇଥିଲା। ବାଇକ ଚୋରି କରିବା ପରେ ଅଭିଯୁକ୍ତ ଆକାଶ କିଛି ଦୂରରେ ଥିବା ଏକ ବୋଲେରୋ(ଓଡି୧୪ ଏକ୍ସ ୫୮୪୭)ରେ ଏହାକୁ ଲଦି ଗାଇସିଲାଟ ଛକ ଏକଲାଲ କବାଡି ଖାନାକୁ ନେଇଥିଲେ। ସେଠାରେ ମାତ୍ର ୩୪ ଶହ ଟଙ୍କାରେ ବାଇକ ବିକ୍ରି କରି ଦେଇଥିଲେ। ବାଇକ ଚୋରିରେ ବ୍ୟବହୃତ ବୋଲେରୋ ସମ୍ବଲପୁର ଜିଲା ଶାସନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହାପରେ ଚୋରି ବାଇକ ଓ ବୋଲେରୋକୁ ଜବତ କରାଯାଇଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

### ପଲିଥିନ, ଥର୍ମୋକୋଲ ବ୍ୟବହାରକାରୀ ଦୋକାନ ଉପରେ ଚଢ଼ାଉ



**ବଲାଙ୍ଗୀର,୨୯।୭(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ପୌର ପରିଷଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜଙ୍ଗଲ ବିଭାଗ ପକ୍ଷରୁ ଶନିବାର ମିଳିତଭାବେ ଏକକ ବ୍ୟବହୃତ ପ୍ଲାଷ୍ଟିକ, ପଲିଥିନ ଏବଂ ଥର୍ମୋକୋଲ ବ୍ୟବହାର କରୁଥିବା ବିଭିନ ଦୋକାନ ଓ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ସମୁଦାୟ ୧୫୩ କିଲୋଗ୍ରାମ ଏକକ ବ୍ୟବହୃତ ପ୍ଲାଷ୍ଟିକ, ଥରମୋକୋଲ ଏବଂ ପଲିଥିନ ସାମଗ୍ରୀ ଜବତ କରାଯାଇ ୯ଟି ଦୋକାନରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ନିୟମିତ ଭାବରେ ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିଜିଓନାଲ ଅଫିସର ବବିତା ସିଂ, ସ୍ୱାଗତ ପଟେଲ ଏବଂ ପୌର ପରିଷଦ କର୍ମଚାରୀ ସଞ୍ଜୟ କୁମାର ନାଗ, ପାର୍ଥ ସାରଥୀ ମହାକୁର ସହ ଅନ୍ୟ ପୌର କର୍ମଚାରୀ ଚଢ଼ାଉରେ ସହଯୋଗ କରିଥିଲେ।

# ନ୍ୟାୟ ଦାବିରେ ପୋଲିସର ଦ୍ୱାରସ୍ଥ

**କୋକସରା,୨୯।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଝୀଗୁଡା ଗ୍ରାମର ଜୟନ୍ତ ନାଗଙ୍କ ସ୍ତ୍ରୀ ଉର୍ମିଳାଙ୍କୁ ଗତ ରବିବାର ପେଟ୍ରୋଲ ଢାଳି ପୋଡି ମାରିଦିଆଯାଇଥିଲା। ସ୍ୱାମୀ ଜୟନ୍ତ, ଶାଶୁ ଓ ବଡ଼ଜା ମିଶି ମାରିବା ଘଟଣାରେ ମହିଳାଙ୍କ ସ୍ୱାମୀଙ୍କୁ କୋକସରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାରେ ନ୍ୟାୟିକ ତଦନ୍ତ ଦାବି ଓ ଅନ୍ୟ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଥିବା ଅଭିଯୋଗ କରି ଶନିବାର କଳାହାଣ୍ଡି ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେସନର ଜିଲା, ଉପଖଣ୍ଡ ଓ ବ୍ଲକ କର୍ମକର୍ତ୍ତାମାନେ କୋକସରା ଥାନାରେ ପହଞ୍ଚି ପୋଲିସ ଲଗାଇଥିବା ଦଫାକୁ ୩୦୨ କରିବା ଓ ଏହି ଘଟଣାରେ ସମ୍ପୃକ୍ତ ରହିଥିବା ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ଲିଖିତ ଦାବି କରିଛନ୍ତି। ଶନିବାର ଧର୍ମଗଡ଼ ଉପଖଣ୍ଡ ସିଡ୍ୟୁଲ କାଷ୍ଟ ଫେଡେରେସନ ସଭାପତି ବିରଞ୍ଚି ନାରାୟଣ ଜାଲଙ୍କ ନେତୃତ୍ୱରେ ଏକ ଟିମ୍ କୋକସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନିରପେକ୍ଷ ଭାବେ ଏହାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ଓ ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ହତ୍ୟା ମାମଲାରେ ଦଫା ରୁଜୁ ନ କଲେ ଆଗାମୀ ଦିନରେ ଥାନା ଘେରାଉ କରିବାକୁ ଜିଲା କାର୍ଯ୍ୟକାରୀ ସଭାପତି ରିଷୀ ସୁଦାନ ଛତ୍ରପାଳ, ଆଶିଷ ରଞ୍ଜନ ନାଏକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଏକ, ଧର୍ମଗଡ଼ ଉପଖଣ୍ଡ ଯୁବ ସଭାପତି ଢଗ ନାଏକ, ଉପଦେଷ୍ଟା ଦିଗାମ୍ବର ଦୁରିଆ, ଭବାନୀପାଟଣା ଟାଉନ ସଭାପତି ସଞ୍ଜୟ ସୁନାନୀ, କୋକସରା ବ୍ଲକ ସଭାପତି କିଶୋର ଚନ୍ଦ୍ର ନାଏକ, ହେରମ୍ବ ସେନାପତି, ଦଣ୍ଡପାଟ ଡମ୍ବ ସମାଜ ସଭାପତି ବିରଞ୍ଚି ଖମାରି, ସମ୍ପାଦକ ଯଶୋବନ୍ତ ପାଣିଗ୍ରାହୀ, ଉପସଭାପତି ପଙ୍କଜ ଠାକୁର, ସୁନୀଲ ଦୁରିଆ, କୋକସରା ବ୍ଲକ ସମ୍ପାଦକ ପ୍ରବୀଣ ପାଣିଗ୍ରାହୀ, ପ୍ରଧାନୀ ବାଗ, ଦିଶାନ୍ତ ବେଶ୍ରା, ଘନଶ୍ୟାମ ଛତ୍ରିଆ, ଗୁପ୍ତେଶର, ଏ. ସରିତା ରାଓ, ଲକ୍ଷ୍ମୀପ୍ରିୟା କର ପ୍ରମୁଖ ଚେତାବନୀ ଦେଇଛନ୍ତି।



ସିଡ୍ୟୁଲ କାଷ୍ଟ ଫେଡେରେଶନର କର୍ମକର୍ତ୍ତା ପୋଲିସର ଦ୍ୱାରସ୍ଥ ହୋଇଛନ୍ତି।

**ନିଆଁରେ ପୋଡ଼ି ବିବାହିତା ମହିଳାଙ୍କ ମୃତ୍ୟୁ ଘଟଣା**

# ବିଦ୍ୟାଳୟ ଖୋଲିବା ଦାବିକଲେ ଗ୍ରାମବାସୀ

**ଖଡ଼ିଆଳ,୨୯।୭(ସୁଜିତ କୁମାର ପ୍ରଧାନ)**

**କମ୍ ଉପସ୍ଥାନ ଦର୍ଶାଇ ବନ୍ଦ କରିଥିଲା ପ୍ରଶାସନ**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚନାବେଡା ପଞ୍ଚାୟତ ଅନ୍ତର୍ଗତ ବୋରଡ଼ା ପଡାବାସୀ ଗାଁରେ ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବାକୁ ଦାବି କରିଛନ୍ତି। ପୁନଃ ଚାଲୁ କରା ନ ଗଲେ ଆଗାମୀ ଦିନରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ୩୫୩ ନଂ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ ୨୦୦୨ ମସିହାରେ ବୋର୍ଡଆପଡ଼ା ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ହେଲେ ଛାତ୍ରୀଛାତ୍ରଙ୍କ ଉପସ୍ଥାପନ କମ୍ ଥିବା ଦର୍ଶାଇ ପ୍ରଶାସନ ୨୦୧୯ ମସିହାରେ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ପରେ ସେହି ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ୨ ରୁ ୩ କିଲୋମିଟର ଦୂରରେ ଥିବା ଝିଡ୍ରିଧୋଡ଼ା, ଭୋଜପୁର ଓ ସଗରିଆପଡ଼ା ବିଦ୍ୟାଳୟମାନଙ୍କରେ ଭର୍ତ୍ତି କରାଯାଇଛି। ଏହାପରଠାରୁ ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ସ୍କୁଲକୁ ଯାତାୟତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ପୂର୍ବେ ବିଦ୍ୟାଳୟର ୩ ଜଣ ଛାତ୍ରୀଛାତ୍ର ସମ୍ପୃକ୍ତ ସ୍କୁଲକୁ ଯିବାବେଳେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲେ। ଏଥିସହ ଭିନ୍ନକ୍ଷମ ଛାତ୍ରୀଛାତ୍ର ପଢିବାକୁ ଯାଇପାରୁ ନାହାନ୍ତି। ବର୍ତ୍ତମାନ ଉକ୍ତ ଗ୍ରାମ ଏବଂ ଆଖପାଖ ଗାଁର ୪୫ଜଣ ଛାତ୍ରୀଛାତ୍ରଥିବାରୁ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଚାଲୁ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗତ ୨୦୧୯ ମସିହାରେ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଥିବା ବେଳେ ମରାମତି କରାଯାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଏଣୁ ବିଦ୍ୟାଳୟକୁ ପୁନଃ ମରାମତି କରାଯିବାର କାରଣ କଣ ବୋଲି ପ୍ରଶ୍ନ କରିଛନ୍ତି। ଅବିଳମ୍ବେ ଜିଲା ପ୍ରଶାସନ ବିଦ୍ୟାଳୟକୁ ପୁନଃ ଚାଲୁ କରିବା ଦିଗରେ ପଦକ୍ଷେପ ନେଉ ବୋଲି ଗ୍ରାମର ପରମାନନ୍ଦ ଭୋଇ, ବିରଜା ଭୋଇ, ବେଦବର ଭୋଇ, ଗୁଣ୍ଠ ଭୋଇ, ନରେଶ ଭୋଇ, ଉଦ୍ଧବ ଭୋଇ, ବିଦୁ ଭୋଇ, ହୃଷୀକେଶ ଭୋଇ, କେତକୀ ଭୋଇ, କୌଶଲ୍ୟା ଭୋଇ ପ୍ରମୁଖ ଦାବି କରିଛନ୍ତି।

# ମରଣଯନ୍ତା ପାଲଟିଛି ରାସ୍ତା: ଘଟୁଛି ଦୁର୍ଘଟଣା

**କର୍ଲାମୁଣ୍ଡା,୨୯।୭(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ କୁର୍ଶୁର୍ଲା ହରଗୌରୀ ମନ୍ଦିର ଛକଠାରୁ ସିଲେଟପଡା ରାସ୍ତା ମରଣଯନ୍ତା ପାଲଟିଛି। ୨୦୧୫ ମସିହାରେ ପିଚୁ ରାସ୍ତା ନିର୍ମାଣ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ମରାମତି କାର୍ଯ୍ୟ କିମ୍ବା ନୂତନ କାର୍ଯ୍ୟ ହୋଇପାରି ନ ଥିବାରୁ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଲୋକେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ଦେଇ ପ୍ରତ୍ୟେକ ଦିନ ଭାରିଯାନଗୁଡିକ ଯିବାଆସିବା କରିବା ଫଳରେ ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଲୋକେ ଯାତାୟତରେ ଅସୁବିଧା ଭୋଗ କରୁଥିବା ସାମାଜିକ କର୍ମୀ ଚୈତନ୍ୟ ସାହୁ, ଦ୍ରୋଣ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାସ୍ତାର ନିର୍ମାଣ ପାଇଁ ପଞ୍ଚାୟତ ଠାରୁ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।



ସିଲେଟପଡା ରାସ୍ତାରେ ଖାଲଖମା।

## ମଣିପୁର ହିଂସା ବିରୋଧରେ ମହିଳାଙ୍କ ବିକ୍ଷୋଭ ଶୋଭାଯାତ୍ରା

**ନୂଆପଡ଼ା,୨୯।୭ (ମକାରୁ ବେମାଲ)**

ମଣିପୁର ରାଜ୍ୟରେ ଆଦିବାସୀ ମହିଳାଙ୍କ ଉପରେ ଘଟିଥିବା ବର୍ବରଚିତ ଘଟଣାକୁ ବିରୋଧ କରି ଶୁକ୍ରବାର ନୂଆପଡ଼ାରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ମହିଳା କଂଗ୍ରେସ ସଭାନେତ୍ରୀ ଉଷା ଚନ୍ଦ୍ରକାରଙ୍କ ନେତୃତ୍ୱରେ ଘାସିରାମ ମାଝି ଛକରୁ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଗାୟତ୍ରୀ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ନୂଆପଡ଼ା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ଆଜାଦଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମଣିପୁର ସାମ୍ପ୍ରଦାୟିକ ଦଙ୍ଗା ପଛରେ କେନ୍ଦ୍ର ଭାଜପା ସରକାରଙ୍କ ହାତ ରହିଛି। ସେଠାରେ ନରସଂହାର ସାଙ୍ଗକୁ ମହିଳା ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ହିଂସାର ଦୁଇ ମାସରୁ ଉର୍ଦ୍ଧ୍ୱ ହୋଇ ଯାଇଥିଲେ ମଧ୍ୟ ଦୋଷୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ମଣିପୁର ସରକାର ସ୍ଥାଣୁ ପାଲଟି ଯାଇଛି। ଏହି ଘଟଣାରେ ଜଡିତ ଥିବା ମନ୍ତ୍ରୀ, ନେତାମାନଙ୍କୁ ଶୀଘ୍ର ବହିଷ୍କାର କରାଯାଉ ଓ ଦୋଷୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ଅଭୟ ଶଙ୍କର ଯୋଶୀ, ଦେବଦତ୍ତ ଦିକ୍ଷୀତ, କୁଲଦୀପ ସୁରଜ, ତୋପ ଦାସ, କୌଶିକ ସାହୁ, ଗୋବିନ୍ଦ ସିଂ ଠାକୁର, ଭୀମ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ବୃଦ୍ଧାଙ୍କ ପ୍ରତି ପ୍ରଶାସନର ଦୃଷ୍ଟି ପଡୁ



ଅସହାୟ ବୃଦ୍ଧା ଜୁଗରି ରାଉତ।

**ନୂଆପଡା,୨୯ ।୭ (ମକାରୁ ବେମାଲ)**

କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପାଇଁ ଯୋଜନା କରି ଚାଲିଛନ୍ତି। ହେଲେ ସରକାରୀ ଅଧିକାରୀମାନଙ୍କ ଉଦାସୀନତା ମନୋଭାବ ଓ ଖାମଖିଆଲି ନୀତି ଯୋଗୁଁ ପ୍ରକୃତ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରୁନି ଅନେକ ଯୋଜନା। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁର ଅସହାୟ ବିଧବା ବୃଦ୍ଧା ଜୁଗରି ରାଉତ (୮୦)ଙ୍କ କ୍ଷେତ୍ରରେ। ପରିବାର କହିଲେ କେହି ନ ଥିବାରୁ ଅତି ଦୟନୀୟ ଜୀବନ ଯାପନ କରୁଛନ୍ତି। ତାଙ୍କ ପୁଅ ଓ ବୋହୂ ସହ ହସଖୁସିରେ ଜୀବନଯାପନ କରୁଥିଲେ । ହେଲେ ତାଙ୍କ ପୁଅ ଓ ବୋହୂ ଆରପାରିକୁ ଚାଲିଯାଇଥିବାରୁ ଦୟନୀୟ ଅବସ୍ଥାରେ ଜୀବନ କଟାଇ ପରିଣତ ବୟସରେ ମଧ୍ୟ ପେଟ ପାଇଁ ସଂଗ୍ରାମ କରୁଛନ୍ତି। ତାଙ୍କର କେବଳ ବାର୍ଦ୍ଧକ୍ୟ ଭତ୍ତାକୁ ଛାଡି ଦେଲେ ଅନ୍ୟ କୌଣସି ସୁବିଧା ନାହିଁ। ୫ ଶହ ଟଙ୍କାରେ ଘର ଚଳିବା ବହୁତ କଷ୍ଟକର ହୋଇପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅସହାୟ ବୃଦ୍ଧା ଘର ତିଆରି ପାଇଁ ଅସମର୍ଥ ଥିବାରୁ ଝାଟିମାଟି କୁଡିଆ ଘରେ ରହୁଛନ୍ତି। ସରକାରଙ୍କ ଏତେ ଯୋଜନା ଥାଇ ମଧ୍ୟ ପରିଣତ ବୟସରେ ଆବାସ ଯୋଜନାରେ ଗୃହ ଖଣ୍ଡିଏ ବୃଦ୍ଧାଙ୍କୁ ମିଳିପାରିଲା ନାହିଁ। ଅସହାୟ ଗରିବ ଶ୍ରେଣୀର ବୃଦ୍ଧା ଏକାକି ଘରେ ରହି ବାର୍ଦ୍ଧକ୍ୟ ଭତ୍ତା ସାହାଯ୍ୟରେ ଚଳୁଛନ୍ତି। ରାଶନ କାର୍ଡ ନ ଥିବାରୁ ଭତ୍ତା ଟଙ୍କାରେ ଦୋକାନରୁ ଚଢାଦର ଦେଇ ଚାଉଳ କିଣି ଖାଉଥିଲେ। ଗତ କିଛି ମାସ ହେବ ଆକାଉଣ୍ଟରେ ଭତ୍ତା ଦିଆଯାଉଥିବାରୁ ବୃଦ୍ଧା ଭତ୍ତା ଟଙ୍କା ଆଣିବାକୁ ଯାଇପାରୁ ନାହାନ୍ତି। ଭତ୍ତା ଟଙ୍କା ପାଇଁ କୁରୁମପୁରି କିମ୍ବା ତରବୋଡ ୧୦ କିଲୋମିଟର ଯିବାକୁ ପଡେ। ଭତ୍ତା ଟଙ୍କା ଭରସାରେ ଚଳୁଥିବା ବୃଦ୍ଧା ବର୍ତ୍ତମାନ ଭୋକ ଉପବାସରେ କାଳାତିପାତ କରୁଛନ୍ତି। ବୃଦ୍ଧାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଚାଉଳ କାର୍ଡ ଯୋଗାଇ ଦେବା ସହ ବାର୍ଦ୍ଧକ୍ୟ ଭତ୍ତା ଘରେ ଆସି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ସୁଶାନ୍ତ କୁମାର ରଣାଙ୍କୁ ପଚାରିବାରୁ ଯଥାଶୀଘ୍ର ବୃଦ୍ଧାଙ୍କ ଘରକୁ ଭତ୍ତା ଟଙ୍କା ପଠାଇ ରାଶନ କାର୍ଡ ବ୍ୟବସ୍ଥା କରାଯିବ ଓ ବିଭିନ୍ନ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ ।

# ଔଷଧ ପାଇଁ ଟଙ୍କା ନାହିଁ, କଷ୍ଟରେ କ୍ୟାନ୍ସର ପୀଡ଼ିତା

**ଗୁଡ଼ଭେଲା,୨୯।୭ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ନୂଆଁପଡ଼ା ଗ୍ରାମର ଜଣେ କ୍ୟାନସର ପୀଡିତା ଅସ୍ତ୍ରୋପଚାର ପରେ ମାସିକ ଔଷଧ ପାଇଁ ହଟହଟାର ସମ୍ମୁଖୀନ ହୋଉଛନ୍ତି। ଅସ୍ତ୍ରୋପଚାରେ ସବୁ ଅର୍ଥ ସାରି ଦେଇଥିବା ବେଳେ ଏବେ ଔଷଧ ପାଇଁ କିପରି ହଇରାଣ ହେଉଛନ୍ତି ତାହା କୋହଭରା କଣ୍ଠରେ କହିଛନ୍ତି ଯଶୋବନ୍ତୀ ସେଠ(୫୦)। ରୋଜଗାର ପାଇଁ ସ୍ୱାମୀ ଓ ପୁଅ ବାହାର ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି। ବଡ ଝିଅ ବିବାହ କରି ଶାଶୁ ଘରେ ରହୁଛନ୍ତି। ଏବେ ଘରେ ୧୨ବର୍ଷର ଝିଅ ସହ ଯଶୋବନ୍ତୀ ବଡକଷ୍ଟରେ ଜୀବନ ଅତିବାହିତ କରୁଥିବା କହିଛନ୍ତି। ବ୍ରେଷ୍ଟ କ୍ୟାନସରରେ ଆକ୍ରାନ୍ତ ହେବା ପରେ ୨ବର୍ଷ ତଳେ ବିଷମକଟକରେ ଅପରେଶନ କରିଥିଲେ ଯଶୋବନ୍ତୀ। ଏଥିପାଇଁ ତାଙ୍କୁ ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଧାର ଉଧାର କରିବାକୁ ପଡିଥିଲା। ଏବେ ସେ କଟକର ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ମାସିକ ଚେକ୍ଅପ ହେଉଛନ୍ତି। କିଛି ଔଷଧ ମାଗଣାରେ ମିଳୁଥିବା ବେଳେ କିଛି କିଣିବାକୁ ପଡୁଛି। ବିଭିନ୍ନ ପରୀକ୍ଷା କରାଯାଉଥିବା ବେଳେ କିଛି ପରୀକ୍ଷା ବାହାରକୁ ପଠାଯାଉଛି। ଏଥିପାଇଁ ମାସିକ ପାଞ୍ଚରୁ ୭ହଜାର ଟଙ୍କାର ଔଷଧ ସହ ଯିବା ଆସିବା ଓ ଅନ୍ୟ ଖର୍ଚ୍ଚ ହେଉଛି। ଜମିବାଡି କିଛି ଜମି ନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମିଳୁଛି। ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡ ରହିଥିଲେ ବି ସେଥିରେ ପରୀକ୍ଷାଗୁଡିକ ମାଗଣାରେ ହେଉ ନାହିଁ। ସ୍ୱାମୀ ସୁଲମଣୀ ସେଠ ଓ ପୁଅ ଦିଲୀପ ଯାହା କିଛି ପଠାଉଛନ୍ତି ତାହା ଘରଖର୍ଚ୍ଚ ସାଙ୍ଗକୁ ଚିକିତ୍ସା ପାଇଁ ନିଅଣ୍ଟ ହେଉଛି। ଜିଲା ପ୍ରଶାସନ ଏ ଦିଗରେ ସହଯୋଗ କରିବାକୁ ଯଶୋବନ୍ତୀ ଅନୁରୋଧ କରିଛନ୍ତି।



ଯଶୋବନ୍ତୀ ସେଠ।

# ଗାଁ ନିକଟରେ ହାତୀ, ଆଗଉନି ଚାଷକାମ

**ଖଡ଼ିଆଳ,୨୯।୭(ସୁଜିତ କୁମାର ପ୍ରଧାନ)**

- ସୁରକ୍ଷା ପାଇଁ ବିଦ୍ୟୁତ୍ କାଟ୍, ଅନ୍ଧାରରେ ଲୋକେ
- ହାତୀ ଘଉଡାଅ, ବିଦ୍ୟୁତ୍ ସରବରାହ ସ୍ୱାଭାବିକ କର

ନୂଆପଡା ଜିଲା ଖଡ଼ିଆଳ ଅଞ୍ଚଳରେ ଏବେ ହାତୀ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଛତିଶଗଡ଼ ସୀମାରୁ ଆସିଥିବା ଏହି ହାତୀ ଗତ ସାତ ଦିନ ହେଲା ବହଲପଦର, ଚାନ୍ଦେଲ, ଖାସବାହାଲ ନିକଟ ଜଙ୍ଗଲରେ ରହିଛି। ହାତୀ ଭୟରେ ଚାଷୀମାନେ କ୍ଷେତରେ ଚାଷକାମ କରୁ ନାହାନ୍ତି। ହାତୀର ଗତିବିଧି ଉପରେ ଖଡିଆଳ ବନ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଛି। ଅନ୍ୟପକ୍ଷରେ ହାତୀର ସୁରକ୍ଷା ପାଇଁ ଗତ ସାତ ଦିନ ହେଲା ବିଦ୍ୟୁତ କାଟ୍ ହେଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଦୋହେଲପଡା, ଚାନ୍ଦେଲ, ବହଲପଦର, ଖାସବାହାଲ ପଞ୍ଚାୟତର ଖାସବାହାଲ, ବଙ୍କାପୁର, ଖଇରଭା ଚଟରାଭଟା, ନୁଇରାଜପୁର, ଆର୍ତ୍ତତ୍ରାଣପୁର ଓ ସରଧାପୁର ପଞ୍ଚାୟତର ଗୋଡ଼ତଲା ଗ୍ରାମର ଲୋକେ ବିଦ୍ୟୁତ୍ କାଟି ଦିଆଯାଇଛି। ଫଳରେ ମଶା କାମୁଡା ବୃଦ୍ଧି ପାଇବା ସହ ବିଷାକ୍ତ କୀଟ ଓ ସର୍ପ ଭୟରେ ଲୋକଙ୍କ ନିଦ ହଜିଯାଇଛି। ବଙ୍କାପୁର ହାଇସ୍କୁଲ ଛାତ୍ରାବାସରେ ସତୁରୀ ଜଣ ଅନ୍ତେବାସୀ ରହୁଥିବା ବେଳେ ବିଦ୍ୟୁତ୍ କାଟ ଯୋଗୁ ଅସୁବିଧା ଭୋଗ କରୁଛନ୍ତି। ପାଖରେ ଜଙ୍ଗଲ ଥିବାରୁ ସର୍ପ ଭୟରେ ହାଇସ୍କୁଲ କର୍ମଚାରୀ ଓ ଅବିଭାବକ ମହଲ ଚିନ୍ତା ପ୍ରକଟ କରିଛନ୍ତି। ଏନେଇ ସ୍ଥାନୀୟ ଲୋକେ ବହଲପଦରରେ ହାତୀ ସୁରକ୍ଷାରେ ନିୟୋଜିତ ଫରେଷ୍ଟର ଓ ବନ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅତିଶୀଘ୍ର ହାତୀ ଘଉଡାଇବା ଓ ବିଦ୍ୟୁତ ସରବରାହ ସ୍ୱାଭାବିକ କରିବାକୁ ସେମାନେ ଦାବି କରିଛନ୍ତି। ହାତୀକୁ ଘଉଡାଇ ଦିଆଯିବା ଉଦ୍ୟମ କରାଯିବ ବୋଲି କହିଛନ୍ତି । ହାତୀ ଚାଷବାସ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ବିଲରେ ହାତୀର ପଦଚିହ୍ନ ପଡିଥିବା ବେଳେ ଏକ କଦଳୀ ବଗିଚା ନଷ୍ଟ କରି ଦେଉଛନ୍ତି। ହାତୀର ଉପସ୍ଥିତି ଭୟରେ ଚାଷୀମାନେ ରୁଆପୋତା କାମ ଆଗଇ ପାରୁ ନାହାନ୍ତି। ଏନେଇ ଖଡ଼ିଆଳ ବନାଞ୍ଚଳ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ହାତୀର ସୁରକ୍ଷା ନେଇ ବନ କର୍ମଚାରୀ ଜଗି ରହଛନ୍ତି। ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ହାତୀ ଥିବା ଗ୍ରାମବାସୀଙ୍କୁ ସଚେତନ କରାଇବା ସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ଉପରୋକ୍ତ ଗ୍ରାମକୁ ସରବରାହ ବନ୍ଦ ରହିଥିବା କହିଛନ୍ତି। ମେଟିଙ୍ଗ ସମୟ ହେବାରୁ ଏହି ହାତୀଟି ନିଜ ଦଳରୁ ଅଲଗା ହୋଇ ବୁଲୁଥିବା ସେ ପ୍ରକାଶ କରିଛନ୍ତି।

# ତହସିଲଦାର, ଆରଡ଼ି ବିଭାଗ ଏସ୍‌ଡିଓଙ୍କୁ ସରପଞ୍ଚଙ୍କ ଦାବିପତ୍ର

**କେସିଙ୍ଗା, ୨୯।୭(ତୁମେଶ୍ୱର ସାହୁ)**

- ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଶୋଚନୀୟ
- ଶୀଘ୍ର ସମାଧାନ କରିବାକୁ ଦାବି
- ନଚେତ ରାସ୍ତା ଅବରୋଧ ଚେତାବନୀ

ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କେସିଙ୍ଗା ବ୍ଲକର କୀକିଆଠାରୁ ପିପଲପଦର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କୋଟି କୋଟି ଟଙ୍କାର ରାସ୍ତା କାମ ଚାଲୁଛି। ଉକ୍ତ ରାସ୍ତା ପଥର୍ଲା ପଞ୍ଚାୟତ, କୁଣ୍ଡାବନ୍ଧ ପଞ୍ଚାୟତ ମଧ ଦେଇ ସଂଯୋଗ କରୁଅଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଅନ୍ତର୍ଭୁକ୍ତ ଉକ୍ତ ରାସ୍ତାଗୁଡ଼ିକର ଓଜନ ସହିବା କ୍ଷମତା କମ ରହିଥାଏ। ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଶୋଚନୀୟ ହୋଇ ବର୍ଷା ଦିନରେ ମାଟି ଦବି ଯାଇ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନଷ୍ଟ ହୋଇ ଯାଉଥିବାରୁ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତର ସରପଞ୍ଚ ରୋଜି ପ୍ରଧାନଙ୍କ ସମେତ ଗ୍ରାମବାସୀ କେସିଙ୍ଗା ଆରଡ଼ି ବିଭାଗ ଓ ତହସିଲଦାରଙ୍କ ନିକଟରେ ଶନିବାର ଅଭିଯୋଗ କରିଛନ୍ତି। ଅତିଶୀଘ୍ର ଏହାର ସମାଧାନ କରା ନ ଗଲେ ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପଥର୍ଲା ପଞ୍ଚାୟତରେ ଏକ ବାଲିଘାଟକୁ ଠିକା ସଂସ୍ଥାକୁ ଲିଜ୍ ଦିଆଯାଇଛି। ଏହି ବାଲିଘାଟରୁ କୁଣ୍ଡାବନ୍ଧ ପଞ୍ଚାୟତର ଗୁର୍ଜୀମୁଣ୍ଡା ଓ ପିପାଲପଦର ଦେଇ ଦୈନନ୍ଦିନ ହାଇୱା ଯୋଗେ ଜିଲାର ବିଭିନ୍ନ ଅଞ୍ଚଳକୁ ଚୋରାରେ ବାଲି ଚାଲାଣ କରାଯାଉଛି। ଯେଉଁ ହାଇୱା ଗୁଡିକରେ ବାଲି ଚାଲାଣ କରାଯାଉଛି, ସେହି ଭାରିଯାନଗୁଡ଼ିକର ଉକ୍ତ ରାସ୍ତା ପାଇଁ ଉର୍ଦ୍ଦିଷ୍ଟ ନୁହେଁ। ଭାରିଯାନ ଚଳାଚଳ ଯୋଗୁ ରାସ୍ତାଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ କେସିଙ୍ଗା ତହସିଲଦାର୍ ଓ ଗ୍ରାମ୍ୟ ନିର୍ମାଣ ବିଭାଗର ଏସ୍‌ଡିଓଙ୍କୁ ଲିଖିତ ଆକାରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୁଣ୍ଡାବନ୍ଧ ସରପଞ୍ଚ ରୋଜି ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତର ପୁରୁଷ ଓ ମହିଳା ସ୍ଥାନୀୟ ତହସିଲଦାର୍ ଓ ଗ୍ରାମ୍ୟ ନିର୍ମାଣ ବିଭାଗର ଏସ୍‌ଡିଓଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ। ତହସିଲଦାର୍ ଓ ଏସ୍‌ଡିଓ ଯଥାଶୀଘ୍ର ଭାରିଯାନ ଚଳାଚଳକୁ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ରାସ୍ତାରେ ଯେପରି ନିର୍ଦ୍ଧାରିତ ଓଜନରୁ ଅଧିକ ଓଜନ ଥିବା ଗାଡ଼ି ଚଳାଚଳକୁ ରୋକାଯାଇ ପାରିବ ସେ ନେଇ ଜିଲା ପରିବହନ ବିଭାଗ ଓ ଜିଲା ଖଣିଜ ବିଭାଗକୁ ଚିଠି ଲେଖି ଜଣାଇବେ ବୋଲି ତହସିଲଦାର କହିଛନ୍ତି। ଏ ନେଇ କେସିଙ୍ଗା ତହସିଲଦାର ଯୁଗେଶ୍ୱର ସାହୁଙ୍କୁ ପଚାରିବାରୁ ଉପଜିଲାପାଳଙ୍କ ସହ କଥାହେଇ ସମାଧାନ କରିବି ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଆରଡ଼ି ବିଭାଗର ଏସ୍‌ଡିଓ ଯଯାତି କେଶରୀ ଗଡ଼ନାୟକଙ୍କୁ ପଚାରିବାରୁ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ପ୍ରକାଶ କରିଥିଲେ।



କେସିଙ୍ଗା ଏସ୍‌ଡିଓଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି।

## ବଜ୍ରପାତରେ ମହିଳା ଗୁରୁତର

ପୁରୁଣାକଟକ,୨୯।୭(ସୁକାନ୍ତ ପଟ୍ଟନାୟକ): ହରଭଙ୍ଗା ବ୍ଲକ ତିଳେଶ୍ୱର ପଞ୍ଚାୟତ ଖଜୁରିଆ ଗ୍ରାମରେ ଜଣେ ମହିଳା ବଜ୍ରପାତରେ ଗୁରୁତର ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଶନିବାର ସକାଳେ ଗ୍ରାମର ତରଙ୍ଗିଣୀ ସାହୁ ରୋଷେଇ କରୁଥିବା ସମୟ ରେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ମହିଳା ଜଣଙ୍କ ଅଚେତ ହୋଇ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ପୁରୁଣାକଟକ ଡାକ୍ତରଖାନା ନିଆଯାଇ ପ୍ରାଥମିକ ଚିକିତ୍ସା କରାଯିବା ପରେ ବୌଦ୍ଧ ଡାକ୍ତରଖାନା ପଠାଯାଇଥିବା ଜଣାପଡିଛି।

**ସଂକ୍ଷେପରେ**

## ମିଲେଟ ଚାଷ ସର୍ବେକ୍ଷଣ କାର୍ଯ୍ୟକ୍ରମ

ଅମରପାଲି,୨୯।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ଓ କେନଝିରିଆପାଲି ପଞ୍ଚାୟତରେ ଏନସିଡ଼ିଏସ ପକ୍ଷରୁ ଓଡ଼ିଶା ମିଲେଟ ମିଶନର ଏକ ବେସଲାଇନ ସର୍ଭେକ୍ଷଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ଲୋବାଲ ଗ୍ରୀନ ର ବ୍ଲକ ସଂଯୋଜକ ରାଜେଶ ପଧାନ ଓ ଚାଷୀ ବନ୍ଧୁ ଏଗ୍ରିକଲଚର୍ ପ୍ରଡ୍ୟୁସର୍ କମ୍ପାନୀ ଲିମଟେଡର ସିଇଓ ସୁଧାଂଶୁ ଶେଖର ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନସିଡ଼ିଏସ ଭୁବନେଶ୍ୱରରୁ ସ୍ୱୟଂପ୍ରଜ୍ଞା ପଟ୍ଟନାୟକ, ହେମନ୍ତ ମହାନନ୍ଦ, ମଧୁସ୍ମିତା ଚୌଧୁରୀ ଓ ରମାକାନ୍ତ ପ୍ରଧାନ ଆସି ଦୁର୍ଜନତୈଲା ପଞ୍ଚାୟତର ମସିଣାପାଲି ଓ ମସିଣାପାଲି ଜଙ୍ଗଲର ୪୦ ଜଣ ଚାଷୀ ଏବଂ କେନଝିରିଆପାଲି ପଞ୍ଚାୟତ ଅଧୀନ ଖଇରମାଲ ଓ ଅମାତପାଲି ଗ୍ରାମର ୪୦ ଜଣ ଚାଷୀଙ୍କ ମାଣ୍ଡିଆ ଓ ଅନ୍ୟାନ୍ୟ ଚାଷ ସମ୍ବନ୍ଧୀୟ ସର୍ଭେକ୍ଷଣ କରିବା ସହ ମାଣ୍ଡିଆ,ବାଜରା ଓ ସର୍ଗମ ଚାଷ ପରିଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପ ସଂଯୋଜକ ବିଶ୍ୱେଶ୍ୱର ଶତପଥୀ, ସିଆରପି ଭୈରବ ସାହୁ, ପ୍ରଦୀପ ପ୍ରଧାନ ଓ ପ୍ରେମାନନ୍ଦ ନାଏକ ସହଯୋଗ କରିଥିଲେ।

## ସୁବର୍ଣ୍ଣପୁର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ବଦଳି

ସୋନପୁର,୨୯।୭(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାର ସୁବର୍ଣ୍ଣପୁର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁରଙ୍କ ବଦଳି କରିଛନ୍ତି। କହଁରଙ୍କ ରାୟଗଡା ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ(ଇଓ) ଭାବେ ବଦଳି ହୋଇଛି। କହଁର ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ବିଡିଓ, ସୋନପୁର ଉପଜିଲାପାଳ ଓ ସୁବର୍ଣ୍ଣପୁର ସିଡିଓ ଭାବେ ଦକ୍ଷତାର ସହ ୫ ବର୍ଷ କାର୍ଯ୍ୟ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଧାରଣ ନିର୍ବାଚନ ପୂର୍ବରୁ କହଁରଙ୍କୁ ଜିଲାରୁ ବଦଳି କରାଯାଇଛି। ସେହିପରି ବୌଦ୍ଧ ସିଡିଓ ତଥା ଜିଲା ପରିଷଦ(ଇଓ) ଅଶ୍ୱିନୀ କୁମାର ମେହେରଙ୍କୁ ସୁବର୍ଣ୍ଣପୁର ସିଡିଓ ଭାବେ ବଦଳି ପାଇଁ ଆଦେଶନାମା ପ୍ରକାଶ ପାଇଛି। ମେହେରଙ୍କୁ ପୂର୍ବରୁ ରାୟଗଡା ସିଡିଓ ଭାବେ ବଦଳି କରାଯାଇଥିଲା। ପୂର୍ବ ନିର୍ଦ୍ଦେଶନାମାକୁ ରାଜ୍ୟ ସରକାର ବାତିଲ କରିବା ସହିତ ମେହେରଙ୍କୁ ସୁବର୍ଣ୍ଣପୁର ବଦଳି କରିଛନ୍ତି।

## ସଚେତନତା ରଥର ଶୁଭାରମ୍ଭ

ସୋନପୁର,୨୯।୭(ମୃତ୍ୟୁଞ୍ଜୟ ଶତପଥୀ)

ଚଳିତ ଖରିଫ ଚାଷ ପାଇଁ ସୁବର୍ଣ୍ଣପୁର ଜିଲାର ସମସ୍ତ ଚାଷୀ ଯେପରି ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ସେଥିନେଇ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉଛି। ସେହି କ୍ରମରେ ଶୁକ୍ରବାର ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ କୃଷି ବୀମାକରଣ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ କୃଷି ବୀମା ରଥର ଶୁଭାରମ୍ଭ ହୋଇଥିଲା। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ୬ଟି ବ୍ଲକ ଅଞ୍ଚଳ ପରିକ୍ରମା କରି ଚାଷୀଙ୍କୁ ସଚେତନ କରିବ।

# ହରଭଙ୍ଗା ବ୍ଲକରେ ବର୍ଷା ବିପ୍ରାତ

ପୁରୁଣାକଟକ,୨୯।୭ (ସୁକାନ୍ତ ପଟ୍ଟନାୟକ)

- ଭୁଶୁଡ଼ିଲା ପାଚେରି, ଭାଙ୍ଗିଲା ଘର,
- ଡ୍ରେନ ପାଣି ଘର ଭିତରେ
- ଶଗଡ଼ିଆ ବାଇଶିପଡ଼ା ପୋଲ ଉପରେ ପାଣି

ଶନିବାର ଦିନ ହରଭଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଛି। କେତେକ ସ୍ଥାନରେ ଘର ଭାଙ୍ଗିବା, ପାଚେରି ଭୁଶୁଡିବା ସହ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନଜ ସୁବିଧା ନ ଥିବାରୁ ଦୋକାନ, ସ୍କୁଲ ଭିତରକୁ ପାଣି ପଶିଯାଇଥିବା ଖବର ମିଳିଛି। ନାଳଗୁଡିକରେ ପାଣି ଆସିଥିବାରୁ ଛତ୍ରଙ୍ଗ –ହରଭଙ୍ଗା ରାସ୍ତାର ଶଗଡ଼ିଆ ପୋଲ ଉପରେ ପାଣି ଚାଲିଛି। ଚାରିଛକ –ଛତ୍ରଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ବାଇଶିପଡା ପୋଲ ଉପରେ ପାଣି ପ୍ରବାହିତ ହେବାରୁ ୪ଘଣ୍ଟା ଧରି ଯାତାୟତ ବ୍ୟାହତ ହୋଇଥିଲା। ସେହିପରି ଧାନ ପ୍ଲାହାଗୁଡିକ ଧୋଇଯାଇଥିବା ବେଳେ ପୂର୍ତ୍ତ ବିଭାଗ ରାସ୍ତା ଉପରେ ପାଣି ସ୍ରୋତ ଅଧିକ ପ୍ରବାହିତ ହେବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ବର୍ଷାରେ ହରଭଙ୍ଗା ଡିଆଁଘାଟ ପଶୁଚିକିତ୍ସା କେନ୍ଦ୍ରର


ଚାଷ ଜମି ଜଳାର୍ଣ୍ଣବ ହୋଇପଡ଼ିଛି।

ପାଚେରି ଭୁଶୁଡି ପଡ଼ିଛି। ତିଳେଶ୍ୱରଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ହୋଇଥିବା ରାସ୍ତାର ଡ୍ରେନ କାର୍ଯ୍ୟ ଠିକ ଭାବରେ ହୋଇ ନ ଥିବାରୁ ଡ୍ରେନ ପାଣି ଗ୍ରାମର ନବୀନ ନାଏକ, ମୁନା ଘଡେଇଙ୍କ ଘରକୁ ପଶିଯାଇଥିଲା। ଫଳରେ ଉଭୟ ଗରିବ ପରିବାର ପାଣି ପଶିଯିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଖବର ମିଳିଛି। ଅନ୍ୟପଟେ ଧଲପୁର ବଜାର ପାଣି ନିଷ୍କାସନ ହୋଇପାରି ନ ଥିବାରୁ ପ୍ରତାପ ଶତପଥୀ, ଅଶୋକ ସାହୁଙ୍କ ଦୋକାନ ଘରେ ପାଣି ପଶିଥିଲା। ଖଣ୍ଡହତାର ସମ୍ବରୁ ନାଏକଙ୍କ ଘରର କାନ୍ଥ ଭାଙ୍ଗିଯାଇଛି। ମାର୍ଡିଙ୍ଗରେ ମଧ ପ୍ରବଳ ବର୍ଷା ଯୋଗୁ କେତେକ ଘର ଭାଙ୍ଗିଥିବା ବେଳେ ତଭାପଦର (ବାଦିକଟା)ରେ ଚାଷଜମିରେ କୃତ୍ରିମ ବନ୍ୟା ହୋଇ ବିକ୍ରମ ପ୍ରଧାନଙ୍କ ଧାନ ତଳିଗୁଡିକ ଧୋଇ ହୋଇଯାଇଛି। କରଞ୍ଜିକଟା ପ୍ରାଥମିକ ସ୍କୁଲରେ ପାଣି ଜମିବାରୁ ସ୍ଥାନୀୟ ସରପଞ୍ଚ ନିହାର ଘୋଷଙ୍କ ଉଦ୍ୟମକ୍ରମେ ଏକ ଅସ୍ଥାୟୀ ଡ୍ରେନ ଖୋଳାଯାଇ ପାଣି ନିଷ୍କାସନ କରାଯାଇଥିଲା।

## ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

ସୋନପୁର/ଉଲୁଣ୍ଡା,୨୯।୭ (ମୃତ୍ୟୁଞ୍ଜୟ ଶତପଥୀ/ଉରୁକ୍ରମ ପାଣ୍ଡିଆ)

**ଉଲୁଣ୍ଡା ଥାନାରେ ମାମଲା, ଅଭିଯୁକ୍ତ ଶିକ୍ଷକ ଫେରାର**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ୭ମ ଶ୍ରେଣୀରେ ପଢୁଥିବା ଉକ୍ତ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ଅସଦାଚରଣ କରିଛନ୍ତି। ଏ ନେଇ ଛାତ୍ରୀଙ୍କ ବାପା ଉଲୁଣ୍ଡା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୧୦୪/୨୩ ମୂଳେ ଆଇପିସିର ଦଫା ୩୪୧, ୩୫୪(କ) ଓ ପୋକ୍‌ସୋ ଆକ୍ଟ ଧାରା ୧୦ ଅନୁଯାୟୀ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ ପାଇଁ ପୋଲିସ ତନାଘନା ଜାରି ରଖିଛି। ତେବେ ସେ ଫେରାର ହୋଇ ଯାଇଥିବା ଜଣାପଡିଛି। ଅଭିଯୁକ୍ତ ଶିକ୍ଷକଙ୍କ ଘର ନୟାଗଡ ଅଞ୍ଚଳରେ। ଉକ୍ତ ବିଦ୍ୟାଳୟରେ ସେ ଦୀର୍ଘ ୬ ବର୍ଷ ଧରି ଶିକ୍ଷକତା କରି ଆସୁଛନ୍ତି। ବିଦ୍ୟାଳୟର ଅନ୍ୟ ଛାତ୍ରୀମାନଙ୍କୁ ୬ ମାସ ଧରି ସେ ଏଭଳି ବ୍ୟବହାର କରି ଆସୁଥିଲେ। କିନ୍ତୁ ଛାତ୍ରୀମାନେ ଭୟରେ ଏକଥା ପରିବାର ଲୋକଙ୍କୁ ଜଣାଉ ନଥିଲେ ବୋଲି କହିଛନ୍ତି। ଉଲୁଣ୍ଡା ଥାନା ଏସ୍‌ଆଇ ଶରତ ପାଣିଗ୍ରାହୀ ମାମଲାର ତଦନ୍ତ କରୁଛନ୍ତି।

ଏନେଇ ସୁବର୍ଣ୍ଣପୁର ଜିଲା ଶିକ୍ଷାଅଧିକାରୀ ଓ ଉଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ବିଇଓ ଶାନ୍ତନୁ କୁମ୍ଭକାର ଉକ୍ତ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତା ଛାତ୍ରୀଙ୍କ ସହିତ ଅନ୍ୟ କେତେଜଣ ଛାତ୍ରୀ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ କେତେଜଣ ଛାତ୍ରୀ ଶିକ୍ଷକଙ୍କ ସପକ୍ଷରେ କହିଥିବା ବିଇଓ କୁମ୍ଭକାର ପ୍ରକାଶ କରିଛନ୍ତି। ତେବେ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଡୁଙ୍ଗୁରିପାଲି,୨୯।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଅଞ୍ଚଳରେ କିଡ୍‌ନୀ ରୋଗ ବ୍ୟାପିବାରେ ଲାଗିଛି। ଏ ନେଇ ଡୁଙ୍ଗୁରିପାଲି ଭାଜପା ମଣ୍ଡଳ ପକ୍ଷରୁ ସଭାପତି ନିତେଇ ପାଲଙ୍କ ନେତୃତ୍ୱରେ ଶନିବାର ସୁବର୍ଣ୍ଣପୁର ସିଡିଏମଓଙ୍କ ଉଦ୍ଦେଶ୍ୟରେ ଡୁଙ୍ଗୁରିପାଲି ମେଡିକାଲ ଇନ୍‌ଚାର୍ଜଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମେଡିକାଲ ଇନଚାର୍ଜ ନ ଥିବାରୁ ଡ. ସଞ୍ଜୟ କୁମାର ପଧାନ ଦାବିପତ୍ର ଗ୍ରହଣ କରିଥିଲେ। ଡୁଙ୍ଗୁରିପାଲି ବ୍ଲକର ଅଇଁଲାସାରି ଗ୍ରାମରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ଅନ୍ୟ ଗ୍ରାମରେ ମଧ ଏହି ରୋଗର ପ୍ରାର୍ଦୁଭାବ ଦେଖାଦେଇଛି। ଭାଟବାହାଲି ଗ୍ରାମର ଶରତ ପ୍ରଧାନ, ସୁଶାନ୍ତ ନାଗ, ମିଳନ କୁମ୍ଭାର, ସତ୍ୟବାନ କୁମ୍ଭାର ଓ କନ୍ଦାଗାଡ ଗ୍ରାମର ସୁଧାଂଶୁ ଦୀପ, ଦଶରଥ ନାଏକ, ଦୁଃଖୁ ବେହେରା, ବାସୁଦେବ


ކିଡ୍‌ନୀ ରୋଗ ନେଇ ଦାବିପତ୍ର ପ୍ରଦାନ କରାଯାଉଛି।

**ଡୁଙ୍ଗୁରିପାଲି ଅଞ୍ଚଳରେ ବ୍ୟାପୁଛି କିଡ୍‌ନୀ ରୋଗ**

ଦୀପ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ରୋଗ ଯେପରି ରୋକାଯାଇ ପାରିବ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ସାହୁ, ସୁଦାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିନିକା ଅଞ୍ଚଳ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ବିନିକା,୨୯।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପଟୁ ଅଦରର୍ଶ ପକ୍ଷରୁ ଶନିବାର ବିନିକା ଥାନା ଅଧିକାରୀଙ୍କ ଜରିଆରେ ପୋଲିସ ମହା ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିନିକା ସହରରେ ବିଭିନ୍ନ ସମୟରେ ଅପରାଧ, ହତ୍ୟା, ଚୋରି, ରାହାଜାନୀ ଓ ଡକାୟତି ବୃଦ୍ଧି ପାଉଛି। ବିନିକା ଥାନାରେ ପୋଲିସ କର୍ମଚାରୀ ଅଭାବ ଦୂର କରିବା, ଗୋଟିଏ ପୋଲିସ ଭ୍ୟାନ୍ ଥିବାରୁ ଆଉ ଗୋଟିଏ ଭ୍ୟାନ୍ ଯୋଗାଇ ଦେବା, ସହରର ସମସ୍ତ ଛକରେ ଟ୍ରାଫିକ ପୋଲିସ ମୁତୟନ ଏବଂ ବିନିକାରେ ବିଭିନ୍ନ ବିଭାଗର ସବ୍‌ଡିଭିଜନ ଅଫିସ ଥିବାରୁ ପୋଲିସ ସବ୍‌ଡିଭିଜନ ଅଫିସ ଖୋଲାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ରର ନକଲ ସୁବର୍ଣ୍ଣପୁର ଜିଲାପାଳ,ଆରକ୍ଷୀ ଅଧୀକ୍ଷକ ଓ ବୀରମହାରାଜପୁର ବିଧାୟକଙ୍କୁ ଦିଆଯାଇଛି।

## ଉପଜିଲାପାଳଙ୍କ ବୀରମହାରାଜପୁର କଲେଜ ପରିଦର୍ଶନ


କଲେଜ ପରିଦର୍ଶନ ସମୟରେ ଉପ ଜିଲାପାଳ ଓ ଅନ୍ୟମାନେ।

ଅମରପାଲି,୨୯।୭(ପୀତାମ୍ବର ସାହୁ)

୫–ଟି ଅଧୀନରେ ସାମିଲ ହୋଇଥିବା ବୀରମହାରାଜପୁର କଲେଜର ସ୍ଥିତି ଅନୁଧ୍ୟାନ ପାଇଁ ସ୍ଥାନୀୟ ଉପ ଜିଲାପାଳ ଅଶୋକ କୁମାର ଭୋଇ ଶୁକ୍ରବାର ପରିଦର୍ଶନରେ ଆସିଥିଲେ। ସେ କଲେଜରେ ପହଞ୍ଚିବା ପରେ କଲେଜ ପରିଚାଳନା କମିଟିର ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରି, ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ହିମାଂଶୁ ଶେଖର ପାଢ଼ୀ ଓ ଅଧ୍ୟାପକ ବିରଞ୍ଚି ନାରାୟଣ ମିଶ୍ରଙ୍କ ସହିତ ଏ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଉପଜିଲାପାଳ ଭୋଇ ପ୍ରସ୍ତାବିତ ସ୍ମାର୍ଟ ଶ୍ରେଣୀ କକ୍ଷ, ପାଠାଗାର ଓ ପଠନ କକ୍ଷ, ବିଜ୍ଞାନଗାର, ଶୌଚାଳୟ ଆଦି ପରିଦର୍ଶନ କରିଥିଲେ। କଲେଜର ୫–ଟି ରୂପାନ୍ତରିକରଣ କାର୍ଯ୍ୟ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଶେଷ କରିବାକୁ ସରକାରୀ ନିର୍ଦ୍ଦେଶ ଥିବାରୁ ଆବଶ୍ୟକ ଭିତ୍ତିଭୂମି ଖୁବଶୀଘ୍ର ଆରମ୍ଭ କରିବାକୁ ସେ ପରାମର୍ଶ ଦେଇଥିଲେ। ଉପଜିଲାପାଳଙ୍କ ପରିଦର୍ଶନ ସମୟରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଗତ କିଛିଦିନ ପୂର୍ବେ ୫–ଟି ସଚିବ ଭି.କେ. ପାଣ୍ଡିଆନ ସୁବର୍ଣ୍ଣପୁର ଜିଲାର ସମସ୍ତ କଲେଜ ୫–ଟିରେ ଅନ୍ତର୍ଭୁକ୍ତ ହୋଇଥିବା ଘୋଷଣା କରିଥିଲେ। ଏହାପରେ ଏହି କଲେଜକୁ ୧କୋଟି ଟଙ୍କାର ଅନୁଦାନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ମିଳିସାରିଛି। ଏହି ଅର୍ଥରେ କଲେଜର ଭିତ୍ତିଭୂମି ସୁଦୃଢ଼ କରାଯିବା ସହିତ ଉଚ୍ଚଶିକ୍ଷାର ବିକାଶ ସମ୍ପର୍କିତ ଉପକରଣ କିଣାଯିବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ପାଢ଼ୀ ପ୍ରକାଶ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୨୯।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଉଚ୍ଚ ବିଦ୍ୟାଳୟରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଚନ୍ଦ୍ରମଣି ବାଘ, ସଦାନନ୍ଦ ରଥ, ସୁନୀଲ ବରିହା, ନବକିଶୋର ପଧାନ, ପ୍ରଦୀପ ମହାନନ୍ଦ, ସିଦ୍ଧାର୍ଥ ମିଶ୍ର, ଏସ. ବିଶ୍ୱାଳ, ପ୍ରତିମା ବାଘ, ଅରୁଣ ସିଂ, ସୁରେନ୍ଦ୍ର ପାଢୀ, ସ୍ୱର୍ଣ୍ଣମୟୀ ଶତପଥୀ,ଯାଜ୍ଞସେନୀ ବେରିହା,ମାନସୀ ଦାଶ,ପଙ୍କଜିନୀ ମେହେର,ଅସିତ ପଧାନ,ପଦ୍ମନାଭ ମିଶ୍ର, ବୁଲୁ ମେହେର, ବିଘ୍ନରାଜ ପଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ ନିୟମ ଉପରେ ଅବଗତ କରାଇଥିଲେ। ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ନିୟମ, ରାସ୍ତା ସଙ୍କେତ, ଟ୍ରାଫିକ ନିୟମ ଆଦି ବିଷୟରେ ସୂଚନା ଦେବା ସହିତ ନିଜ


ସୁବଳୟା ହାଇସ୍କୁଲରେ ଛାତ୍ରୀମାନଙ୍କୁ ଟ୍ରାଫିକ ନିୟମ ବିଷୟରେ ଅବଗତ କରାଯାଉଛି।

**ଟ୍ରାଫିକ ନିୟମ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ**

ନିଜ ପରିବାର ଓ ପଡୋଶୀଙ୍କୁ ଏହି ନିୟମ ଅବଗତ କରାଇଲେ ସଡକ ଦୁର୍ଘଟଣା କମିବ ବୋଲି ଶିକ୍ଷକମାନେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଛାତ୍ର ଅଭିଷେକ ବେରିହା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଶାମ୍ପା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର,ଶିକ୍ଷୟିତ୍ରୀ ଶିକ୍ଷକ,ଜେଆରସି ଓ ସ୍କାଉଟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ତରଭା,୨୯।୭(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଏନଏସିର ୱାର୍ଡ ନମ୍ବର ୧୦ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ଏ ନେଇ ଉକ୍ତ ୱାର୍ଡର ଜନସାଧାରଣ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଏନଏସି ଅଧ୍ୟକ୍ଷା ଏବଂ ସୁବର୍ଣ୍ଣପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏହାର ଏକକିତା ନକଲ ପଠାଇଥିବା ଜଣାଯାଇଛି। ୧୦ ନଂ ୱାର୍ଡରେ ଆବଶ୍ୟକ ମୁତାବକ ଉନ୍ନୟନମୂଳକ କାର୍ଯ୍ୟ ନ ହେବା ତଥା ରାସ୍ତାଘାଟ ସଫେଇ ଠିକ ଭାବରେ ହେଉ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ କରି ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ୱାର୍ଡ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସତ୍ୟ ନାଏକ, ପବିତ୍ର ନାଏକ, ପ୍ରମୋଦ ପାଣିଗ୍ରାହୀ, ଫଟୁ ଗୁରୁ, ମକରଧ୍ୱଜ ନାଏକ, କେ. ନାଏକ ପ୍ରମୁଖ ଦାବି କରିଛନ୍ତି।

## ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ, ୧ଲକ୍ଷ ଜରିମାନା

ସୋନପୁର,୨୯।୭(ମୃତ୍ୟୁଞ୍ଜୟ ଶତପଥୀ)

ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ସୁବର୍ଣ୍ଣପୁର ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ରଶ୍ମିମୋହନ ଆଚାର୍ଯ୍ୟ ସମ୍ପୃକ୍ତ ଚୋରା ଚାଲାଣକାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ ଶୁଣାଇବା ସହ ୧ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ପାଇଁ ରାୟ ପ୍ରକାଶ ପାଇଛି। ବୌଦ୍ଧ ଜିଲା କଣ୍ଟାମାଳ ଥାନା ମଲ୍ଲିକକୁଦ ଗ୍ରାମର କୁରୁପତି ରଣା ଓ ବରଗଡ ଜିଲା ବରପାଲି ହାଟପଦାର ଅନନ୍ତ ମେହେରଙ୍କ ସହ ଅନ୍ୟ ଜଣେ ଅଭିଯୁକ୍ତ ୨୦୧୪ ମସିହା ଡିସେମ୍ବର ୧୬ ତାରିଖ ଦିନ ଏକ ବୋଲେରୋ (ନଂ ଓଆର୦୨ବିଏଚ–୦୨୭୪ )ରେ ଠକପାଲି ପଟୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ଏ ସମ୍ପର୍କରେ ତରଭା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ୫୭ ନମ୍ବର ଜାତୀୟ ରାଜପଥର ଘାଟକଇଁତରା ପୋଲ ନିକଟରେ ଚଢାଉ କରି ବୋଲେରୋକୁ ଅଟକାଇଥିଲା। ତନଖି ପରେ ବୋଲେରୋରୁ ୫୦କିଲୋ ୪୭୫ ଗ୍ରାମ ଗଞ୍ଜେଇ ମିଳିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗାଡି ଜବତ କରିଥିଲା। ତଦନ୍ତ ପରେ ତଦନ୍ତକାରୀ ଅଧିକାରୀ ୩ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାଟି ସୁବର୍ଣ୍ଣପୁର ସ୍ୱତନ୍ତ୍ର ଜଜ୍‌ଙ୍କ କୋର୍ଟରେ ବିଚାରଧୀନ ଥିଲା। ମାମଲାରେ ସମ୍ପୃକ୍ତ ୩ ଜଣଙ୍କ ମଧ୍ୟରୁ ଜଣେ ଫେରାର ଥିବାରୁ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ପୋଲିସର ତଦନ୍ତ ରିପୋର୍ଟ ଓ ସରକାରୀ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଏହି ରାୟ ଶୁଣାଇଛନ୍ତି।

## ଗଣ୍ଡାପଡ଼ାରେ କେନାଲ ପାଣି ପଶିବାରୁ ଯାତାୟାତ ବାଧାପ୍ରାପ୍ତ

ଡୁଙ୍ଗୁରିପାଲି,୨୯।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଳା ପଞ୍ଚାୟତ ଗଣ୍ଡପାଲି ଗାଁର ଗଣ୍ଡାପଡ଼ାରେ କେନାଲ ପାଣି ପଶିବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି। ରାସ୍ତା ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଛି। ପ୍ରକାଶ ଯେ, ଜୁଲାଇ ୧ ତାରିଖରୁ ବରଗଡ କେନାଲ ଦେଇ ରେଙ୍ଗାମୁଣ୍ଡା–ଡୁଙ୍ଗୁରିପାଲିକୁ ପାଣି ଛଡାଯାଇଛି। ହେଲେ ଗଣ୍ଡପାଲି ଦେଇ ଯାଇଥିବା କେନାଲ ପୋତି ହୋଇ ପଡିଥିବାରୁ ପୋଲ ତଳେ ପାଣି ନ ଯାଇ କେତେଜଣ ବ୍ୟକ୍ତିଙ୍କ ଘରେ ପଶିବା ସହ ରାସ୍ତା ଉପରେ ପ୍ରବାହିତ ହେଉଛି। ବର୍ଷା ହେଲେ କେନାଲ ପାଣି ଓ ବର୍ଷା ପାଣି ରାସ୍ତାରେ ବହିବା ଦ୍ୱାରା ପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧ ମାସ ହେଲା କେନାଲ ପାଣି ରାସ୍ତା ଉପରେ ବହିବା ନେଇ ପଡ଼ାବାସୀ ବିଭାଗୀୟ ଯନ୍ତ୍ରୀ ଓ ଏସଡିଓଙ୍କୁ ଜଣାଇଥିଲେ ମଧ କୋଣସି ସୁଫଳ ମିଳିନାହିଁ। ଯଦି ପାଣିକୁ କେନାଲ ମାଧ୍ୟମରେ ନିଷ୍କାସନ କରାଯିବାର ବ୍ୟବସ୍ଥା କରା ନଯାଏ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯିବ ବୋଲି ପଡ଼ାବାସୀ ଚେତାବନୀ ଦେଇଛନ୍ତି। ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଗଜପତି କୁମ୍ଭାର, ଭାଗବତ କୁମ୍ଭାର, ଗଣେଶ କୁମ୍ଭାର, ଉତ୍ତମ ନାଗ, ଗୋବର୍ଦ୍ଧନ କୁମ୍ଭାର, ସହଦେବ, ପ୍ରତାପ, ସାରଥୀ, ଫକିର, ଯୁବରାଜ, କ୍ଷେତ୍ର, କାର, ଯୋଗେଶ, ହନୁ, ବାଦ, ସୌକିଲାଲ, କାହ୍ନା ପ୍ରମୁଖ ପଡ଼ା ବାସୀ ଦାବି କରିଛନ୍ତି।


କେନାଲ ପାଣି ପଡ଼ା ରାସ୍ତା ଉପରେ ପ୍ରବାହିତ ହେଉଛି।

## ଅବ୍ୟବସ୍ଥାରେ ଚାରିଛକ ସାପ୍ତାହିକ ବଜାର

ବୌଦ୍ଧ,୨୯।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ବଜାର ଏକ ପ୍ରମୁଖ ସ୍ଥଳ। ଚାରିଛକ ବଜାର ଦେଇ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ଯିବା ସହ ଏଠାରେ ତହସିଲ କାର୍ଯ୍ୟାଳୟ, କୋର୍ଟ, ପୁରୁଣାକଟକ ଥାନା, ଦମକଳ କେନ୍ଦ୍ର ସମେତ ବ୍ଲକସ୍ତରୀୟ କାର୍ଯ୍ୟାଳୟ ମାନ ରହିଛି। ଏହି ବଜାର ଉପରେ ବ୍ଲକର ୨୨ ଗୋଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବା ବେଳେ ବଜାର ଦେଇ ପ୍ରତିଦିନ ଶତାଧିକ ଯାନବାହାନ ଚଳାଚଳ କରିଥାଏ। କିନ୍ତୁ ଚାରିଛକ ବଜାର ଠାରେ ଥିବା ସାପ୍ତାହିକ ବଜାର ନା ନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତ ପକ୍ଷରୁ


ଚାରିଛକ ବଜାର।

ପ୍ରତ୍ୟେକ ଶନିବାର ଦିନ ଏହି ସାପ୍ତାହିକ ବଜାର ବସିଥାଏ। ବଜାରକୁ ଜିଲାର ବ୍ୟବସାୟୀ ସମେତ ଜିଲା ବାହାର ନୟାଗଡ, କନ୍ଧମାଳ ଓ ଅନୁଗୋଳ ଜିଲାର ବ୍ୟବସାୟୀ ଓ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଆସି ବ୍ୟବସାୟୀ କରିଥାନ୍ତି। କିନ୍ତୁ ବଜାରର ଶୋଚନୀୟ ଅବସ୍ଥା ଦେଖିଲେ ବ୍ୟବସାୟୀ ବେପାର ନ କରି ମୁହଁ ଫେରାଉଛନ୍ତି। ବଜାର ପାଣି କାଦୁଅରେ ଭର୍ତ୍ତି ହୋଇ ରହିଥିବା ସହ ସବୁଆଡେ କୁଢ କୁଢ ମଇଳା ପଡିରହିଛି। ଫଳରେ ବ୍ୟବସାୟୀ ନିଜର ସାମଗ୍ରୀ ବିକିବାରେ ବହୁ ଅସୁବିଧା ହେଉଥିବା ବେଳେ ଲୋକମାନେ କିଣାକିଣି କରିବାରେ ସମସ୍ୟା ଭୋଗୁଛନ୍ତି। ଏହି ବଜାର ହରଭଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ ମିଟର ଦୂରରେ ରହିଥିବା ବେଳେ କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଚାଷୀ ନିଜର ଉତ୍ପାଦିତ ଫସଲ ବିକ୍ରି କରିବା ପାଇଁ ସରକାର ବହୁ ଯୋଜନା କରୁଥିବା ବେଳେ ଏଠାରେ ପ୍ରଶାସନ ଆଦୌ ପଦକ୍ଷେପ ନେଉ ନ ଥିବା ଦେଖିବାକୁମିଳିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୦ ଜୁଲାଇ, ୨୦୨୩



### ବୃଦ୍ଧ ଦମ୍ପତିଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

**ବଡ଼ଗାଁ ( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ପଞ୍ଚାୟତ ସେନ୍ଦ୍ରିଟାଙ୍ଗର ଗ୍ରାମର ଧୁଲିଆଲଖୁଆ ଓ ତାଙ୍କ ସ୍ତ୍ରୀ କୌଶଲ୍ୟା ଶୁକ୍ରବାର ରାତିରେ ତାଙ୍କ ଘରେ ଥିବାବେଳେ ଗ୍ରାମର ରାଜେଶ ନାଗ (୩୨) ଘରେ ପଶି ଗାଳି ଦେବା ସହିତ ମାଡ଼ ମାରିଥିଲେ। ଏନେଇ ଧୂଳିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଉଛି।

## ସଂକ୍ଷେପରେ

### ରାଜଗାଙ୍ଗପୁର ପାଇଁ ଗୌରବ ଆଣିଲେ ଲୋପମୁଦ୍ରା



**ରାଜଗାଙ୍ଗପୁର,୨୯।୭( ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପାଇଁ ଗୌରବ ଆଣିଛନ୍ତି ଲାଇଙ୍ଗ ଅଞ୍ଚଳର ଝିଅ ଡ.ଲୋପମୁଦ୍ରା ସାହୁ। ଚଳିତ ବର୍ଷ ୨୦୨୨-୨୩ ପାଇଁ ଚଣ୍ଡୀଗଡ ଜିରାକପୁରର ରୟାଲ ପାର୍କ ରିସୋର୍ଟରେ ଜାତୀୟ ସ୍ତରରେ ଫେସନ ଜଗତରେ ମିସେସ୍ ଇଣ୍ଡିଆ ଡିଭା କୁଇନ୍ ପ୍ରତିଯୋଗିତା ଜୁଲାଇ ୨୨ଓ ୨୩ରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମୋଟ ୧୭ ପ୍ରତିଯୋଗୀ ଭାଗ ନେଇଥିଲେ। ତନ୍ମଧ୍ୟରୁ ଲାଇଙ୍ଗର ପଦ୍ମାବତୀ ସାହୁ ଓ ପିତା ବିଭୂତି ଭୂଷଣଙ୍କ ଝିଅ ଲୋପମୁଦ୍ରା ବିଜୟୀ ହୋଇ ରାଜଗାଙ୍ଗପୁର ପାଇଁ ଗୌରବ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲୋପମୁଦ୍ରା ଏବେ ଟାଟାରେ ଡାକ୍ତରୀ ସେବା କରୁଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଲହୁଣୀପଡ଼ା,୨୯।୭ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଶରଧାପୁରୁ ଗ୍ରାମର ଜଣେ ଯୁବକ ଶୁକ୍ରବାର କୁଲର ସଜାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ଅଞ୍ଚଳର ଧରମ ଭଗତ(୩୫)। ଲହୁଣୀପଡ଼ା ପୋଲିସ ଶନିବାର ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଧରମ ବିହାର ଅଞ୍ଚଳରୁ ଆସି ଶରଧାପୁରରେ ରହୁଥିଲେ। ଲହୁଣୀପଡ଼ାରେ ଆଖୁରସ ଓ ଗୁପଚୁପ୍ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ଶୁକ୍ରବାର ଅପରାହ୍ନରେ ନିଜ ଘରେ କୁଲର ସଜାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୮ଦଫା ଦାବି ନେଇ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

**ରାଜଗାଙ୍ଗପୁର,୨୯।୭(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ସମିତି ସଭ୍ୟାସଭ୍ୟ ସଂଘର ସଭାପତି ଜ୍ୟୋତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ୮ ଦଫା ବିଶିଷ୍ଟ ଦାବିପତ୍ର ରାଜଗାଙ୍ଗପୁର ବିଧାୟକ ଡା. ସିଏସ୍ ରାଜେନ ଏକ୍କାଙ୍କ ସହ ସମସ୍ତ ବିଧାୟକଙ୍କୁ ଦିଆଯାଇଥିଲା। ଏହି ଦାବିଗୁଡିକ ଆଗାମୀ ବିଧାନସଭା ଅଧିବେଶନରେ ଗୃହରେ ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି। ପୂର୍ବରୁ ଏହି ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ସମସ୍ତ ସମିତି ସଭ୍ୟାସଭ୍ୟଙ୍କ ନିଜସ୍ୱ ପାଣ୍ଠିକୁ ୩୦ ଲକ୍ଷ ଟଙ୍କା କରାଯାଉ, ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବିମା ପ୍ରଦାନ ଭଳି ୮ଟି ଦାବି ରହିଛି।

# ପାଣି ଛାଡୁନି ମେଗା ପ୍ରକଳ୍ପ, ଚାଷଜମି ଫାଟି ଆଁ

**ବଡ଼ଗାଁ,୨୯।୭( ଅଶୋକ ଷଡ଼ଙ୍ଗୀ)**



ଚାଷ ଜମି ଫାଟି ଆଁ କରିଛି।

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ସର୍ବାଧିକ ପରିବାର କୃଷି ଉପରେ ନିର୍ଭର କରନ୍ତି। ବିଶେଷକରି ବର୍ଷା ଜଳ ଉପରେ ନିର୍ଭର କରୁଥିବା ଚାଷୀ ବିଗତ କିଛିବର୍ଷ ହେଲା ଅନିୟମିତ କିମ୍ବା ସ୍ୱଳ୍ପ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଆସୁଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନର ପ୍ରଭାବରେ ଚାଷ ଉଜୁଡି ଯାଉଛି। ପ୍ରତି ୨-୩ ବର୍ଷରେ ଧାନ ଚାଷ ପାଇଁ ପାଗ ପ୍ରତିକୂଳ ହେଉଥିବାରୁ ଅଞ୍ଚଳର ଚାଷୀମାନେ ସଫେଇ ନଦୀରେ ବ୍ୟାରେଜ ନିର୍ମାଣ କରି ଜମିକୁ ଜଳସେଚିତ କରିବାକୁ ବାରମ୍ବାର ଦାବି କରିଥିଲେ। ଏହାପରେ ନଦୀରେ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଗଲା। କୋଟି କୋଟି ଟଙ୍କାରେ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ଚାଷୀ ଉପକୃତ ହୋଇପାରୁନାହାନ୍ତି। ଚାଷୀମାନେ ଶନିବାର ମେଗା ପ୍ରକଳ୍ପ କାର୍ଯ୍ୟାଳୟକୁ ଯାଇ ଧାନ ତଳି ମରିବାକୁ ବସିଲାଣି, ଶୀଘ୍ର ପାଣି ଛାଡ଼ିବାକୁ ଦାବି କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜୁନ ୨୪ରେ ପ୍ରଥମ ମୌସୁମୀ ବର୍ଷା ଅସରାଏ ହୋଇଥିଲା। ଜୁନ ୨୫ ଓ ୨୬ରେ ସାମାନ୍ୟ ବର୍ଷା ପରେ ଜୁଲାଇ ୧୬ ଓ ୧୭ରେ ମାତ୍ର କିଛି ସମୟ ପାଇଁ ଝିପିଝିପି ବର୍ଷା ହୋଇଥିଲା। ୨୨ ଓ ୨୩ ରାତିରେ ଭଲ ଅସରାଏ ବର୍ଷା ହୋଇଥିଲା। ଏହା ପରଠାରୁ ଆଉ ବର୍ଷା ହୋଇନାହିଁ। ପ୍ରଚଣ୍ଡ ଖରା ଯୋଗୁ ଜମି ଶୁଖି ଆଁ କରିଛି। ଫଳରେ ଚାଷ କାମ ଆଗେଇ ପାରୁନାହିଁ। ଏଭଳି ପରିସ୍ଥିତିରେ

### ଚିନ୍ତାରେ ଚାଷୀ

ମେଗା ଉଠା ଜଳ ସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଚାଷୀଙ୍କ ବିଲକୁ ପାଣି ଛଡା ଯାଉନଥିବାରୁ ଚାଷୀଙ୍କ ଆଶା ମଉଳି ଯାଇଛି। ତେବେ ସଫେଇ ନଦୀ ଏକ ପ୍ରକାର ମୃତ୍ୟୁ ମୁହଁରେ ଥିବାବେଳେ ଏହାର ସୁରକ୍ଷା ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ଏହି ନଦୀରେ ବ୍ୟାରେଜ୍ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନାହିଁ। ମେଗା ପ୍ରକଳ୍ପରୁ ବିଲକୁ ପାଣି ଯୋଗାଇଦେବା ପାଇଁ ବିଭିନ୍ନ ସ୍ଥାନରେ ୨୭୫ଟି ପଏଣ୍ଟ କରାଯାଇଛି। କିନ୍ତୁ ଚୋରମାନେ ଏହି ପଏଣ୍ଟରେ ଲାଗିଥିବା ସୋଲାର ପ୍ୟାନେଲ, ବ୍ୟାଟେରି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି କରି ନେଉଥିବାରୁ ପ୍ରକଳ୍ପ ଠିକ୍‌ଭାବେ କାର୍ଯ୍ୟ କରୁନାହିଁ। ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀ ଗାଁଗୁଡ଼ିକୁ ଯାଇ ଲୋକଙ୍କୁ ବୁଝାଇଥିଲେ ମଧ୍ୟ ଚୋରି ବନ୍ଦ ହୋଇପାରିନାହିଁ।

## ଚାଷୀଙ୍କୁ ମିଳିନି ମରୁଡି କ୍ଷତିପୂରଣ

**କୁତ୍ରା,୨୯।୭(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଗତବର୍ଷ ଆବଶ୍ୟକତା ଠାରୁ କମ ପରିମାଣର ବର୍ଷା ହୋଇଥିଲା। ଯାହାଫଳରେ ସରକାରଙ୍କ ପକ୍ଷରୁ ଏହି ଅଞ୍ଚଳକୁ ମରୁଡି ଘୋଷଣା କରାଯାଇଥିଲା। କିନ୍ତୁ ଅତ୍ୟନ୍ତ ବିଡ଼ମ୍ବନାର ବିଷୟ ହେଉଛି ଯେ ଏପର୍ଯ୍ୟନ୍ତ ଚାଷୀଙ୍କୁ ମରୁଡି ଟଙ୍କା ମିଳିନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗତବର୍ଷ ଅନାବୃଷ୍ଟି ଯୋଗୁଁ ସମଗ୍ର କୁତ୍ରା ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖା ଦେଇଥିଲା। ଏନେଇ ରାଜସ୍ୱ ବିଭାଗ ଏବଂ କୃଷି ବିଭାଗ ପକ୍ଷରୁ ହୋଇଥିବା କ୍ରପ କଟିଂ ସର୍ଭେରୁ ୬୫ ଶତକଡା ମରୁଡି ହୋଇଥିବା ଦର୍ଶାଯାଇଥିଲା। ଗତବର୍ଷ ଚାଷ କାର୍ଯ୍ୟ ସମୟରେ କୁତ୍ରା ବ୍ଲକର ପ୍ରାୟ ୧ ହଜାର ଚାଷୀ ସମବାୟ ସମିତି ତଥା ବ୍ୟାଙ୍କରେ ଚାଷ ବୀମା କରାଇଥିଲେ। ଧାନ ଅମଳ ଭଲ ହୋଇ ନ ଥିବାରୁ ଚାଷ କାମ ପାଇଁ ଚାଷୀମାନେ ମନ ଦୁଃଖରେ ଥିଲେ। ବିଶେଷ କରି ବିଭିନ୍ନ ସ୍ଥାନରୁ ଧାର କରଜ କରି ଚାଷ କରିଥିବା ଚାଷୀ ଚିନ୍ତିତ ହୋଇ ପଡିଥିଲେ। ହେଲେ ସରକାରଙ୍କ ପକ୍ଷରୁ ମରୁଡି ଘୋଷଣା ପରେ ସେମାନେ ଆଶ୍ୱସ୍ତ ହୋଇଥିଲେ। ସେମାନଙ୍କୁ ବୀମା ଟଙ୍କା ମିଳିବା ପରେ ଧାର କରଜ ସୁଝିବା ସହ ଚଳିତ ବର୍ଷ ଚାଷ କାର୍ଯ୍ୟରେ ସେହି ଟଙ୍କା ଲଗାଇବାକୁ ମନସ୍ଥ କରିଥିଲେ। ହେଲେ ବୀମା ଟଙ୍କା ପାଇବା ପାଇଁ ସମୟ ପରେ ସମୟ ଅତିକ୍ରାନ୍ତ ହୋଇ ଚାଲିଛି। ହେଲେ ଟଙ୍କା ମିଳୁନାହିଁ। ଅନ୍ୟପକ୍ଷରେ ଏବର୍ଷ ମଧ୍ୟ ଶ୍ରାବଣ ମାସ ସରିବାକୁ ବସିଲାଣି ବର୍ଷାର ଦେଖାନାହିଁ। ଯାହା ଫଳରେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଏବର୍ଷ ମଧ୍ୟ ବର୍ଷା ନ ହେଲେ ଚାଷୀ ତାର ଅଣ୍ଟା ଶଳଖେଇ ପାରିବ ନାହିଁ। ଋଣ ଉପରେ ଋଣ ବଢି ଚାଲିଥିବା। ତେଣୁ ସରକାର ଏଦିଗରେ ଦୃଷ୍ଟି ଦେଇ ଯଥାଶୀଘ୍ର ଚାଷୀଙ୍କ ମରୁଡି ପଇସା ଦେବା ପାଇଁ ଚାଷୀ ମହଲରେ ଦାବି ହେଉଛି। ଏନେଇ କୁତ୍ରା ସମବାୟ ସମିତି ପରିଚାଳନା ନର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ରଙ୍କୁ ପଚାରିବାରୁ, ସରକାରଙ୍କ ପକ୍ଷରୁ ମରୁଡି ଘୋଷଣା ହେଇଛି। କିନ୍ତୁ ଏବାବଦକୁ ଟଙ୍କା ଆସି ନ ଥିରୁ ମିଳିପାରି ନାହିଁ ବୋଲି ସେ କହିଥିଲେ।

### ବଜ୍ରପାତରେ ମହିଳା ଗୁରୁତର

**ଦେବଗଡ଼,୨୯।୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଥାନା ଅନ୍ତର୍ଗତ ଝାଲିଆମରା ଗ୍ରାମରେ ବଜ୍ରପାତ ଘଟି ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ଝାଲିଆମରା ଗ୍ରାମର ଜୟରାଜ କେର୍କେଟ୍ଟାଙ୍କ ସ୍ତ୍ରୀ ସର କେର୍କେଟ୍ଟା (୩୦)ନିଜ ଘର ବାରଣ୍ଡାରେ ବସିଥିବା ବେଳେ ଘଡଘଡି ସହ ବର୍ଷା ହୋଇଥିଲା। ହଠାତ୍ ବଜ୍ରପାତ ହେବାରୁ ଏହାର ପ୍ରଭାବରେ ସର ଚେତାଶୂନ୍ୟ ହୋଇପଡିବା ସହ ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ଏବେ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡିଛି।

## ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟିଲା ଶିକ୍ଷକ ସଂଘ

**ସୁନ୍ଦରଗଡ,୨୯।୭(ଜୟ ନାରାୟଣ ମେଣ୍ଡୁଲି)**



ସ୍ମାରକପତ୍ର ଦେବାକୁ ଆସିଥିବା ଶିକ୍ଷକ ସଂଘ।

ସୁନ୍ଦରଗଡ ଜିଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ଚାଲିଥିବା ବେଳେ ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ନିଜର ଆପତ୍ତି, ଅଭିଯୋଗ ନେଇ ଗୁରୁବାର ଅପରାହ୍ନରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ସାକ୍ଷାତ କରିଥିଲେ। ନିଜ ନିଜ ବ୍ଲକରେ ପ୍ରକାଶ ପାଇଥିବା ପ୍ରୋଭିଜିନାଲ ଗ୍ରେଡେସନ ତାଲିକାରେ ନାମ କାଟେଗୋରି-୨ରୁ ୧କୁ ଅଣାଯାଇଥିବା ଯୋଗୁ ନିଜ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତଭାବେ ଜଣାଇବାପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପାଇଁ ଶିକ୍ଷକ ସଂଘ ନେତୃତ୍ୱରେ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଆସିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସୁଆର, ଜିଲା ସଭାପତି ମମତା କର, ସାଧାରଣ ସମ୍ପାଦକ ପୁଲିନ ଚନ୍ଦ୍ର ନାଏକ, ସଙ୍ଗଠନ ସମ୍ପାଦକ କୁଳଦୀପ ସେଠଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକର ସଂଘ କର୍ମକର୍ତ୍ତା , ଶିକ୍ଷୟିତ୍ରୀ ଶିକ୍ଷକମାନେ ଆସି ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଗତ୧୧।୨।୧୧ପୂର୍ବରୁ ନିଯୁକ୍ତ କିନ୍ତୁ ୧୧।୨।୨୦୧୧ପରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶିକ୍ଷକଙ୍କ ପାଇଁ ଓଟିଇଟି-୨ରୁ ବାଦ ଦେବାକୁ ଅନୁରୋଧ କରିଥିଲେ। ବର୍ତ୍ତମାନ ଏହି ପ୍ରସଙ୍ଗକୁ ନେଇ ସୁନ୍ଦରଗଡ ଜିଲାରୁ ୪୪ଜଣ ଶିକ୍ଷକ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇ ସାରିଥିଲା ବେଳେ ଅନ୍ୟମାନେ ସଜବାଜ ହେଉଥିବା ଜଣାପଡିଛି। ଜିଲା ଶିକ୍ଷା ଅଧିକାରୀ ସବୁ ଶୁଣି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିବା ଜିଲା ପ୍ରାଥମିକ ସଂଘ ପକ୍ଷରୁ କୁହାଯାଇଛି।

### ପୁଣି ଆନ୍ଦୋଳନ କରିବ ଏକ୍ସ କ୍ୟାଡର ଶିକ୍ଷକ ସଂଘ

**ବଡ଼ଗାଁ,୨୯।୭(ଅଶୋକ ଷଡ଼ଙ୍ଗୀ):** ପ୍ରତିଶ୍ରୁତି ପୂରଣ ନ ହେବାରୁ ପୁଣି ଆନ୍ଦୋଳନ ଚେତାବନୀ ଦେଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ। ଅଗଷ୍ଟ ପହିଲାରୁ ଆନ୍ଦୋଳନ ପାଇଁ ରାଜ୍ୟ ମହାସଂଘ ଆହ୍ୱାନ ଦେଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆନ୍ଦୋଳନକୁ ସଫଳ କରିବା ପାଇଁ ସୁନ୍ଦରଗଡ ଜିଲା ସଂଘର ସଭାପତି ଦୀପକ ରଞ୍ଜନ ପୁରୋହିତ ସମସ୍ତ ଏକ୍ସ କ୍ୟାଡର ଏବଂ ଗଣଶିକ୍ଷକଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ସେହିପରି କୁତ୍ରା ବ୍ଲକ ବିଇଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ହଇରାଣ କରିବା ଓ ଗାଳିଗୁଲଜ କରିବା ଘଟଣାକୁ ସଂଘ ପକ୍ଷରୁ ନିନ୍ଦା କରାଯିବା ସହିତ ଏହାର ବିଚାର କରା ନ ଗଲେ ରାଜଧାନୀ ମାଟିରେ ଦୃଢ଼ ପ୍ରତିବାଦ କରାଯିବ ବୋଲି ସଂଘ ସଭାପତି ପୁରୋହିତ କହିଛନ୍ତି। ୨୦୨୨ ଡିସେମ୍ବର ୨୭ରେ ଏକ୍ସ କ୍ୟାଡର ଶିକ୍ଷକ ମହାସଂଘ ପକ୍ଷରୁ ସଂଘ ସଭାପତି ଶରତ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବିଶାଳ ଗଣଧାରଣ ଦିଆଯାଇଥିଲା। ଏକ୍ସ କ୍ୟାଡର ଉଚ୍ଛେଦ, ଇନକ୍ରିମେଣ୍ଟ ପ୍ରଦାନ, ବାକିଥିବା ଗଣଶିକ୍ଷକଙ୍କୁ ନିୟମିତ କରିବା, ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ ଉପରେ ହୋଇଥିବା ଦାବିକୁ ସରକାର ବିଚାରକୁ ନେଇ ଦାବି ପୂରଣ କରିବାକୁ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ହେବାରୁ ସଂଘ ପକ୍ଷରୁ ପୁଣି ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।

## ଅବସରପ୍ରାପ୍ତ ରେଭିନ୍ୟୁ ସୁପରଭାଇଜର, ଅନ୍ୟ ଜଣେ ଦଣ୍ଡିତ

**ସୁନ୍ଦରଗଡ,୨୯।୭(ଜୟନାରାୟଣ ମେଣ୍ଡୁଲି)**

### ଲାଞ୍ଚ ମାମଲାରେ ଭିଜିଲାନ୍ସ କୋର୍ଟର ରାୟ

ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ ଶନିବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ବୀରମିତ୍ରପୁର ତହସିଲର ଅବସରପ୍ରାପ୍ତ ରେଭିନ୍ୟୁ ସୁପରଭାଇଜର ପର୍ଶୁରାମ ପାନ୍(୬୩)ଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨ ହଜାର ଟଙ୍କା ଜୋରିମାନା ଓ ଅନାଦେୟ ଅଧିକ ୨ମାସ ଜେଲଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଏହି ମାମଲାରେ ଆଉ ଜଣେ ସମ୍ପୃକ୍ତ ବେସରକାରୀ ବ୍ୟକ୍ତି ରମେଶ ମଲ୍ଲିକ(୮୦)ଙ୍କୁ ମଧ୍ୟ କୋର୍ଟ ୧ ବର୍ଷ ଜେଲଦଣ୍ଡ ସହ ୧ହଜାର ଟଙ୍କା ଜୋରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅଧିକ ୧ ମାସ ଜେଲ ଦଣ୍ଡ ପାଇଁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସମ୍ପୃକ୍ତ ରେଭିନ୍ୟୁ ସୁପରଭାଇଜର ପାନ୍ ଓ ମଲ୍ଲିକ ଜବତ ବାଲି ବୋଝେଇ ଟ୍ରକ(ନଂ.ଓଆର୍-୧୬-ଡି-୭୦୭୧)କୁ ଛାଡିଦେବା ପାଇ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ମାଗିବା ଓ ଗ୍ରହଣ କରିବା ଅଭିଯୋଗରେ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ମାମଲାରେ କୋର୍ଟ ଅଭିଯୁକ୍ତ ପାନଙ୍କ ପେନସନ ବନ୍ଦ ପାଇଁ ସରକାରଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ଶାନ୍ତିଶୃଙ୍ଖଳାରେ ସରିଲା ମହରମ୍



**କୁଆଁରମୁଣ୍ଡା,୨୯।୭(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡାରେ ଶାନ୍ତିଶୃଙ୍ଖଳା ସହ ପାଳନ ହେଲା ମହରମ୍ ପର୍ବ। ମୁସଲିମ୍ ସଂପ୍ରଦାୟର ଲୋକେ କୁଆଁରମୁଣ୍ଡା ମସ୍‌ଜିଦରୁ ବାହାରି ସ୍ଥାନୀୟ ବ୍ୟାଙ୍କ ଅଫ ଇଣ୍ଡିଆ ଛକ ଓ ସେଠାରୁ ଚେକଗେଟ୍ ହୋଇ ବ୍ଲକ ଲିଙ୍କରୋଡ ଦେଇ ମୁସଲିମ୍ ଉପାସନାସ୍ଥଳକୁ ଯାଇଥିଲେ। ସେଠାରେ ସାମୂହିକ ପ୍ରାର୍ଥନା ହୋଇଥିଲା। ଏହି ଶୋଭାଯାତ୍ରାରେ ହାଜି ଅବଦୁଲ ସଲାମ, ହାଜି ଆଶ୍ରଫ, ଅମନ ଖାନ, ରୋହାନ ରାଜା,ଏମ୍‌ଡି ଖୁର୍ସିଦ, ଏମ୍‌ଡି ଇମତିଆଜ ପ୍ରମୁଖ ସାମିଲ ଥିଲେ। ଭାଇଚାରାର ଏହି ଶୋଭାଯାତ୍ରାରେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଲାଲୁ ସିଂଦେଓ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ରାଜେଶ କେର୍କେଟାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ମୁସଲିମ୍ ଯୁବକମାନେ ବିଭିନ୍ନ ପ୍ରକାର ବାଡି, ଢାଲ, ବର୍ଛା ଇତ୍ୟାଦି ଖେଳ ପ୍ରଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ ଦାଶଙ୍କ ନିର୍ଦ୍ଦେଶକ୍ରମେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀଙ୍କ ଉପସ୍ଥିତିରେ ୨ ସେକ୍ସନ ପୋଲିସ ଫୋର୍ସ ମୁତୟନ ହୋଇଥିଲା।

### ଜଳୁନି ଷ୍ଟ୍ରିଟ ଲାଇଟ୍, ମରାମତି ଦାବି

**ବିଶ୍ରା,୧୯।୭(ବଟକୃଷ୍ଣ ସ୍ୱାଇଁ):** ସହରରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଷ୍ଟ୍ରିଟ ଲାଇଟ ଲଗାଯାଇଛି। ହେଲେ ଏହାର ମରାମତି କରାଯାଉନାହିଁ। ଫଳରେ ଅଧିକାଂଶ ଲାଇଟ ଜଳୁନାହିଁ। ସନ୍ଧ୍ୟା ହେଲେ ଯା' ଆସରେ ସମସ୍ୟା ସୃଷ୍ଟି ହେଉଛନ୍ତି। ଏଥିସହ ଅନ୍ଧାରର ସୁଯୋଗ ନେଇ ମଦୁଆଙ୍କ ଆଡ୍ଡା ମଧ୍ୟ ଜମୁଛି। ଏନେଇ ଜନ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସମ୍ବଲପୁରୀ ଦିନ୍ ପାଇଁ ବିଭିନ୍ନ ପ୍ରତିଯୋଗିତା



**ସୁନ୍ଦରଗଡ,୨୯।୭(ଜୟନାରାୟଣ ମେଣ୍ଡୁଲି)**

ଅଗଷ୍ଟ ୧ରେ ହେବାକୁ ଥିବା ସମ୍ବଲପୁରୀ ଦିନ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି। ଜୁଲାଇ୧୬ରେ ଚିତ୍ରାଙ୍କନ, ମେହେନ୍ଦି, ରଙ୍ଗୋଲି ପ୍ରତିଯୋଗିତା ହୋଇଥିବା ବେଳେ ୨୩ରେ ନୃତ୍ୟ, ଗୀତ ଏବଂ ସମ୍ବଲପୁରୀ ପରିପାଟୀର ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅଗଷ୍ଟ ୧ରେ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନକୁ ପାଳନ କରିବା ପାଇଁ ସମ୍ବଲପୁରୀ ଦିନର ଆୟୋଜନ ଜିଲା ସଂସ୍କୃତି ଭବନଠାରେ ହୋଇଛି। ସେହିଦିନ ସନ୍ଧ୍ୟା ୫.୩୦ରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ସୁନ୍ଦରଗଡ଼ କଳାକାର ମଞ୍ଚର ମିଳିତ ଆନୁକୂଲ୍ୟରେ ଏକ ଭବ୍ୟ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ କମିଟିର ରୋଶନ ସାହୁ ସୂଚନା ଦେଇଛନ୍ତି।

## ମିଲେଟ୍, ଖରିଫ ଚାଷ ସମ୍ବନ୍ଧୀୟ ତାଲିମ ଶିବିର

**ସୁନ୍ଦରଗଡ଼,୨୯।୭(ଜୟନାରାୟଣ ମେଣ୍ଡୁଲି)**



କୃଷି ବିଭାଗର କର୍ମକର୍ତ୍ତା ଓ ଅନ୍ୟମାନେ।

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କୃଷି ବିଭାଗର ସମ୍ପ୍ରସାରଣ କର୍ମଚାରୀଙ୍କୁ ୪ଦିନିଆ ତାଲିମ ପ୍ରଦାନ କରାଯାଇଛି। ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ହସ୍ତାନ୍ତର ଉପ-କେନ୍ଦ୍ର ତଥା ମିଲେଟ୍ ଉତ୍କର୍ଷ କେନ୍ଦ୍ର ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହି ତାଲିମ ଶିବିରକୁ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ଉଦ୍‌ଘାଟନ କରିଥିଲେ। ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଓ ଜଳଛାୟା ପ୍ରକଳ୍ପ ଅଧିକାରୀ ତଥା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ଥିଲେ। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ତାଲିମରେ ମିଲେଟ ମିଶନ, ବୈଜ୍ଞାନିକ ପଦ୍ଧତିରେ ମିଲେଟ ଚାଷର ପରିଚାଳନା, ଜମି ପ୍ରସ୍ତୁତି, ସାର ପରିଚାଳନା, କ୍ଷେତ୍ର ବିଜ୍ଞାନର ବୈଷୟିକ ଜ୍ଞାନ, ଜଳ ପରିଚାଳନା ତଥା କୃଷି ଯାନ୍ତ୍ରୀକରଣର ବିବିଧ ବିଷୟକୁ ଉଭୟ ଆଭାସୀ ଓ ପ୍ରତ୍ୟକ୍ଷରେ ବୈଜ୍ଞାନିକମାନେ ତାଲିମ ପ୍ରଦାନ କରିଥିଲେ। ଏହା ମଧ୍ୟରେ କୃଷି ବିଭାଗର କର୍ମକର୍ତ୍ତା ଏକ କ୍ଷେତ୍ର ପରିଦର୍ଶନ ବାବଦରେ ବାଲିଶଙ୍କରା ବ୍ଲକର ଭାଟିପଡା ଗ୍ରାମକୁ ଯାଇ ଟ୍ରାକ୍ଟର ଚାଳିତ ନଅ ଧାଡିଆ ସାର ଓ ମଞ୍ଜି ବୁଣା ଯନ୍ତ୍ର ସାହାଯ୍ୟରେ ବୁଣାଯାଇଥିବା ସୁଆଁ ଫସଲର ୧୫ ଏକର ପରିମିତ ଅଞ୍ଚଳ ଏବଂ ମାଣ୍ଡିଆର ସ୍ମୀ ପ୍ରଣାଳୀରେ ହୋଇଥିବା ଚାଷ ବୁଲି ଦେଖିଥିଲେ। ତାଲିମ ଶିବିରର ଶେଷ ଦିନରେ ଏକ ପରୀକ୍ଷଣ କରାଯାଇ ମୂଲ୍ୟାଙ୍କନ ପରେ ଜିଲା ମୁଖ୍ୟ କୃଷି ଅଧିକାରୀ, ଓଡିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମର ଟିମ୍ ମୁଖ୍ୟ ଗିରିଜା ଶଙ୍କର ପୂଜାରୀ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ.ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ଦ୍ୱାରା ସମସ୍ତ ସଫଳ ପରୀକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିର ଓଡିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି)ର ଆର୍ଥିକ ସହାୟତାରେ କରାଯାଇଥିଲା। ଏହି ଶିବିରରେ ଡ. ସଞ୍ଜୀବ କୁମାର ବିଶ୍ୱାସୀ, ଡ. ମନୋଜ କୁମାର ଜେନା, ଡ. ଡେଭିଡ ଜେମସ୍ ବାଗେ, ଡ. ଦ୍ୱିବେନ୍ଦୁ କୁମାର ମଣ୍ଡଳ, ଆଶିଷ ମାହାନ୍ତି, ରିଷିକେଶ ସାହୁ, ଡ. ପବିତ୍ର ମହନ ମହାପାତ୍ର ଓ କୃଷି ବିଭାଗର ଅଧିକାରୀ ପ୍ରମୁଖ ବୈଷୟିକ ଶିକ୍ଷା ପ୍ରଦାନ କରିଥିଲେ। ଶିବିରକୁ ପରିଚାଳନା କରିବା ପାଇଁ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଓ ଆଞ୍ଚଳିକ କୃଷି ଗବେଷଣା ଏବଂ ବୈଷୟିକ ହସ୍ତାନ୍ତରର ଚକ୍ରଧର ସାହୁ, ରିଷିକେଶ ସାହୁ, ଗଜାନନ ଛନ୍ଦ, ସମସ୍ତ କର୍ମଚାରୀ ସହାୟତା କରିଥିଲେ।

## କଳାୟତନ ସ୍କୁଲ ଅଫ୍ ଆର୍ଟର ୩୭ତମ ପ୍ରତିଷ୍ଠା ଦିବସ

**ସୁନ୍ଦରଗଡ,୨୯।୭(ଜୟ ନାରାୟଣ ମେଣ୍ଡୁଲି)**



ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ।

ସୁନ୍ଦରଗଡ ସହରର ପ୍ରତିଷ୍ଠିତ ପୁରାତନ ଚିତ୍ରକଳା ଓ ହସ୍ତକଳା ଅନୁଷ୍ଠାନ କଳାୟତନ ସ୍କୁଲ ଅଫ ଆର୍ଟର ୩୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କଳାୟତନରେ ଆୟୋଜିତ ଏହି ଉତ୍ସବକୁ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ପ୍ରତାପଚନ୍ଦ୍ର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସଭ୍ୟ ଲୀଳାଧର ରାଠୋର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୩୭ ବର୍ଷତଳେ କିପରି ପରିସ୍ଥିତି ମଧ୍ୟରେ ଗତିକରି ଏହି ଅନୁଷ୍ଠାନ ଆରମ୍ଭ କରାଯାଇଥିଲା ସେ ସମ୍ପର୍କରେ ମୁଖ୍ୟ ଅତିଥି ତ୍ରିପାଠୀ ତାଙ୍କ ଅଭିଭାଷଣରେ ସମ୍ୟକ୍ ସୂଚନା ଦେଇଥିଲେ। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତିକରି ଅଭାବ ଅସୁବିଧା ମଧ୍ୟରେ ଅନୁଷ୍ଠାନ ୩୭ବର୍ଷ ପୂର୍ଣ୍ଣ କରି ଆଜି ୩୮ ବର୍ଷରେ ପାଦଥାପି ଥିବାରୁ ସୁନ୍ଦରଗଡର ସମସ୍ତ କଳାପ୍ରେମୀ ନାଗରିକଙ୍କୁ ଶିଳ୍ପୀ ଶୀତଳ କୁମାର ମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ। ପୂର୍ବରୁ କରାଯାଇଥିବା ପ୍ରତିଯୋଗିତାଗୁଡିକରେ କୃତୀ ଶିଶୁ ଶିଳ୍ପୀଙ୍କୁ ଏହିଅବସରରେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟକୁ ଶିଳ୍ପୀ ଶୀତଳ କୁମାର ମହାପାତ୍ର ପରିଚାଳନା କରିଥିଲେ। ଉପାଧ୍ୟକ୍ଷ ଶିଳ୍ପୀ ବିନୋଦ ବିହାରୀ ରଥ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶିଳ୍ପୀ କେଦାର ନାଏକ, ଶିଳ୍ପୀ ନିରଞ୍ଜନ ପାତ୍ର, ଶିଳ୍ପୀ ବୀରେନ୍ଦ୍ର ବି.ସିଂହ, ଶିଳ୍ପୀ ନରେଶ ନାୟକ, ଶିଳ୍ପୀ ସଚ୍ଚିନ୍ଦ୍ର ପଧାନ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କଳାୟତନ ସ୍କୁଲର ଛାତ୍ରୀଛାତ୍ର, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅଭିଭାବକ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବନବିଭାଗ ଚଢ଼ାଉ: ଚଉଖଟ, ପଟ୍ଟା ଜବତ

ଦେଓଗାଁ,୨୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ପାଟଣାଗଡ ଫରେଷ୍ଟ ରେଞ୍ଜ ତଥା ବନ୍ଧପଡା ଫରେଷ୍ଟ ବିଟ୍ ଅନ୍ତର୍ଗତ ଅନ୍ତର୍ଲାର ମାୟାଧର ବେହେରାଙ୍କ ଘରେ ବନ ବିଭାଗ ପକ୍ଷରୁ ଚଢାଉ କରି ବିପୁଳ ପରିମାଣର କାଠ ଜବତ କରିଛି। ମାୟାଧରଙ୍କ ଘରୁ ୧୧୪ଖଣ୍ଡ ବିଜା, ଶାଳ, ଚଉଖଟ ଏବଂ ୪୫ ସେଫଟି ଶାଗୁଆନ ପଟା ଜବତ ହୋଇଛି। ଘରେ ଶାଳ, ବିଜା ଓ ଶାଗୁଆନ କାଠ ରଖିଥିବା ବନ ବିଭାଗ ଖବର ପାଇଥିଲା । ବଲାଙ୍ଗୀର ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି, ବନ୍ଧପଡା ଫରେଷ୍ଟର ମଧୁସୂଦନ ଗଡ୍ତିଆ, ପାଟଣାଗଡ ଫରେଷ୍ଟର ଜି.ଏନ. ପରିଡା, ପାଣ୍ଡେଲ ଫରେଷ୍ଟର ବି.ବି ଧରୁଆ, ଲରମ୍ଭା ଫରେଷ୍ଟର ପି.କେ.ନାଏକ, ବନ୍ଧପଡା ଫରେଷ୍ଟ ଗାର୍ଡ ଆରତୀ ପଧାନ, ଜ୍ୟୋସ୍ନା ସଲତାର, ସ୍ୱର୍ଣ୍ଣଲତା ଭୋଇ, ସୁନ୍ଦରାମ ସାଏ, ଏନ.ଏନ ମିର୍ଦ୍ଧା ଚଢାଉରେ ସାମିଲ ହୋଇଥିଲେ। ଏନେଇ ବନବିଭାଗରେ ଏକ ମାମଲା(୧୨୬/୨୦୨୩-୨୪)ରୁଜୁ କରି ଅଭିଯୁକ୍ତ ମାୟାଧର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ବିଶି ସୂଚନା ଦେଇଛନ୍ତି।

### ହାତୀ ଚଳପ୍ରଚଳରୁ ବିଦ୍ୟୁତ୍ ସେବା ବ୍ୟାହତ

ସମ୍ବଲପୁର,୨୯।୭ (ଶୁଭାଶିଷ ପାଢୀ)

ନୂଆପଡା ଜିଲା ଖରିଆର ବ୍ଲକ ଖାସନବାହଲ ଜନବସତି ଅଞ୍ଚଳରେ ହାତୀ ଚଳପ୍ରଚଳ ଯୋଗୁ ୪ଦିନ ହେଲା ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏଥିରେ ଖାସନବାହା, ଅର୍ତ୍ତତ୍ରାଣପୁର, ଚଚାରାଭଟା, ବାକରପୁର, ଦହେଲପଡା, ଚାଣ୍ଡେଲ, ବହଳପଦର, କିରନପୁର ପ୍ରଭୃତି ଗ୍ରାମ ପ୍ରଭାବିତ ହୋଇଛି। ସୂଚନା ଅନୁସାରେ ଏକ ଦନ୍ତା ହାତୀ ଧର୍ମଗଡ ଜଙ୍ଗଲରୁ ଛତିଶଗଡ ଯିବା ସମୟରେ ହାତୀପଲଠାରୁ ଅଲଗା ହୋଇଯାଇଥିଲା। ଉକ୍ତ ଦନ୍ତାଟି ସିନାପାଲି ବ୍ଲକ ଦେଇ ଖରିଆର ବ୍ଲକ ଅଞ୍ଚଳରେ ଥିବା ଖାସନବାହାଲ ଜଙ୍ଗଲରେ ବୁଲୁଛି। ହାତୀର ଜୀବନ ରକ୍ଷା ଦୃଷ୍ଟିରୁ ଟିପିଡବ୍ଲ୍ୟୁଓଡିଏଲ୍ ଖରିଆର ସବ୍‌ଡିଭିଜନର ବନ ବିଭାଗ କର୍ମଚାରୀଙ୍କ ସହ ଯୋଗସୂତ୍ର ରକ୍ଷା କରି ହାତୀର ଚଳପ୍ରଚଳକୁ ଦେଖି ବିଦ୍ୟୁତ୍ ସରବରାହ ବନ୍ଦ କରୁଛି। ଫଳରେ ଗ୍ରାମଗୁଡିକରେ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି। ଗ୍ରାହକମାନଙ୍କୁ ହୋଇଥିବା ଅସୁବିଧା ପାଇଁ କମ୍ପାନୀ ଦୁଃଖ ପ୍ରକାଶ କରୁଛି ବୋଲି ସୂଚନା ଦିଆଯାଇଛି।

### ସରପଞ୍ଚ ସଂଘର ୧୦ଦଫା ଦାବିପତ୍ର

ଦେଓଗାଁ,୨୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚମାନେ ବିଡିଓ ମେହେରଙ୍କୁ ସାକ୍ଷାତ କରି ପଞ୍ଚାୟତରେ ଉନ୍ନୟନ କାମକୁ ତ୍ୱରାନ୍ୱିତ କରିବା, ପିଇଓ, ଜିଆରଏସ ତଥା ଜିଓଟ୍ୟାଗ ନଥିବା ପଞ୍ଚାୟତରେ ତୁରନ୍ତ ଏହି ପଦବୀ ପୂରଣ, ସ୍କୁଲରେ ଆବଶ୍ୟକ ଶ୍ରେଣୀଗୃହ ଓ ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷକ ନିଯୁକ୍ତି, ଅନଟାଏଡ ପାଣ୍ଠିକୁ ୧୦ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି, ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ଦ୍ୱାରା ପ୍ରସ୍ତାବ ଗ୍ରହଣ, ସରପଞ୍ଚଙ୍କ ମାସିକ ଭତ୍ତା ଓ ପେନସନ ରାଶି ବୃଦ୍ଧି ଆଦି ୧୦ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସରପଞ୍ଚ ସଂଘ ସମ୍ପାଦିକା ଜ୍ୟୋସ୍ନାମୟୀ ରଣା, ସରପଞ୍ଚ ମହେନ୍ଦ୍ର ମଲ୍ଲିକ, କୁଶମଣି ମେହେର, ନିନା ଛତ୍ରିଆ, ତ୍ରିଲୋଚନ ନାଗ, ଜାହ୍ନବୀ ମାହାଣା, କେଲୋ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।




ଗଡଶଙ୍କର-ଡୁଙ୍ଗୁରିପାଲିଠାରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଶ୍ରୀ ଜଗନ୍ନାଥଙ୍କୁ ସ୍ଥାନାନ୍ତର ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି(ବାମ)। ଝାଙ୍କରପାଲି ନିକଟ ଥଇଥାନ କଲୋନୀର ଅସ୍ଥାୟୀ ମନ୍ଦିରକୁ ଗଡଶଙ୍କର-ଡୁଙ୍ଗୁରିପାଲି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ସ୍ଥାନାନ୍ତର କରି ଅଣାଯାଇଛି।

# ଗାଁ ଛାଡ଼ିଲେ ଜନତା, ମନ୍ଦିର ଛାଡ଼ିଲେ ଜଗନ୍ନାଥ

ବଲାଙ୍ଗୀର,୨୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

**ବିକାଶ ପାଇଁ ବିସ୍ଥାପନର କରୁଣ ଚିତ୍ର**

- ଥଇଥାନ କ୍ୟାମ୍ପ ଅସ୍ଥାୟୀ ମନ୍ଦିରକୁ ବାହୁଡିଲେ ଗ.ଡୁଙ୍ଗୁରିପାଲିର ଦେବଦେବୀ
- ଅଶ୍ରୁସିକ୍ତ ହେଲେ ଗ୍ରାମବାସୀ, ଯୋଗଦେଲେ ପଡୋଶୀ ଗ୍ରାମ୍ୟ ସଂକୀର୍ତ୍ତନ
- ଲୋକଙ୍କ ଆସ୍ଥା ମଲମ ଲଗାଇବାକୁ ପ୍ରଶାସନର ଉଦ୍ୟମ

ବଲାଙ୍ଗୀର ଜିଲାରେ ନିର୍ମାଣାଧୀନ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଡ୍ୟାମ୍‌ରେ ପ୍ରଥମ ବନ୍ୟାଜଳ ସଂରକ୍ଷିତ ରଖାଯିବା ପରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ଭିଟାମାଟି ଛାଡି ଅନ୍ୟତ୍ର ବିସ୍ଥାପିତ ହେବାକୁ ବାଧ ହୋଇଛନ୍ତି। ଏହିକ୍ରମରେ କିଛିଦିନ ହେଲା ବିଶେଷକରି ଗଡଶଙ୍କର ଡୁଙ୍ଗୁରିପାଲି ଓ ବନ୍‌ଛୋରପାଲି ଗ୍ରାମରେ ବିସ୍ଥାପନ ପ୍ରକ୍ରିୟା ଜୋରଦାର କରାଯାଇଥିଲା। ଶୁକ୍ରବାର ରାତି ସୁଦ୍ଧା ଗ୍ରାମର ୯୫ ପ୍ରତିଶତ ଗ୍ରାମବାସୀ ବିସ୍ଥାପିତ ହୋଇଛନ୍ତି।

ଶୁକ୍ରବାର ଦିନଟି ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମବାସୀଙ୍କ ପାଇଁ ଭାବାବେଗର ମୁହୂର୍ତ୍ତ ହୋଇଯାଇଥିଲା। ଗାଁର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ଏବଂ ଗ୍ରାମଦେବୀ ବରଘଟେନ୍ ଏବଂ କନ୍ଧେନ୍‌ବୁଢ଼ୀଙ୍କୁ ଶୁକ୍ରବାର ପୂଜାର୍ଚ୍ଚନା କରାଯାଇ ସବୁଦିନ ପାଇଁ ଗାଁରୁ ବିସ୍ଥାପିତ କରାଯାଇଥିଲା। ଆରାଧ୍ୟ ଦେବତା ଏବଂ ଗ୍ରାମଦେବୀଙ୍କୁ ସ୍ଥାନାନ୍ତର କରିବାବେଳେ ଗ୍ରାମବାସୀ ଅଶ୍ରୁସିକ୍ତ ହୋଇପଡିଥିଲେ। ପରସ୍ପରକୁ ଆଲିଙ୍ଗନ କରି କୋହଭରା କଣ୍ଠରେ ନିଜ ଭାବାବେଗ ପ୍ରକାଶ କରୁଥିଲେ। ଶୁକ୍ରବାର ସକାଳୁ ଗାଁର ଶ୍ରୀ ଜଗନ୍ନାଥ ମନ୍ଦିରରେ ମୁଖ୍ୟ ପୂଜକ ରାମ ପ୍ରସାଦ ଚାନ୍ଦ ନୀତିକାନ୍ତି ସାରିବା ପରେ ବିଗ୍ରହ ସ୍ଥାନାନ୍ତର ପାଇଁ ପୂଜାର୍ଚ୍ଚନା, ହୋମ କରିଥିଲେ। ଗୌନ୍ତିଆ ପୂଜାରେ ବସିଥିଲେ। ଗ୍ରାମ ଇଷ୍ଟଦେବୀ ବରଘଟେନ୍-କନ୍ଧେନବୁଢ଼ୀ ଦେବୀଙ୍କୁ ସ୍ଥାନାନ୍ତର ପାଇଁ ମଧ୍ୟ ସକାଳୁ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ଝାଙ୍କର ଗହଲ ବରିହା ପୂଜାର୍ଚ୍ଚନା କରିଥିଲେ। ବରଘଟେନ୍-କନ୍ଧେନବୁଢ଼ୀ ଦେବୀ ପୀଠରେ ଏବେ ଡ୍ୟାମ୍ ଠେଲାପାଣି ମାଡି ଯାଇଥିବାରୁ ଜଳମଗ୍ନ ହୋଇଯାଇଛି। ତେବେ ଝାଙ୍କର ବରିହା ଉକ୍ତ ସ୍ଥାନକୁ ଯାଇ ଦେବୀଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାର୍ଚ୍ଚନାରେ ଯୋଗଦେବା ଏବଂ ଦେବାଦେବୀଙ୍କ ସ୍ଥାନାନ୍ତରରେ ସହଯୋଗ କରିବା ପାଇଁ ଆଖପାଖ ଗ୍ରାମ ଘୁଙ୍ଗି, ଗେର୍ଡି, ରାଣୀପାଲି, ବନ୍‌ଛୋରପାଲିର କୀର୍ତ୍ତନ୍ୟ ମଣ୍ଡଳୀ, ଗ୍ରାମବାସୀ ଡୁଙ୍ଗୁରିପାଲିରେ ରୁଣ୍ଡ ହୋଇଥିଲେ। ଗିନି ମୃଦଙ୍ଗ, ହରିବୋଲ, ହୁଳହୁଳିରେ ବିସ୍ଥାପନ ପାଇଁ ଧ୍ୱସ୍ତ ହୋଇଯାଇଥିବ ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମବାସୀଙ୍କ କ୍ରନ୍ଦନରେ ସାରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା।

ଦୀର୍ଘ ୨୪ ବର୍ଷ ଧରି ଡ୍ୟାମ୍ ବିରୋଧୀ ଆନ୍ଦୋଳନର ମଙ୍ଗ ଧରିଥିବା ବର୍ଷିଆନ୍ ନେତା ବୁଡିଅଞ୍ଚଳ ସଂଗ୍ରାମ ପରିଷଦର ସଭାପତି ଘୁନୁ ସାହୁ କୋହଭରା କଣ୍ଠରେ ଭିଟାମାଟି ଛାଡିବାର ଦୁଃଖ ବର୍ଣ୍ଣନା କରିଥିଲେ। ଜିଲାର ବିକାଶ ନାଁରେ ସେମାନଙ୍କୁ ଯେଉଁଳି ଭାବେ ବିସ୍ଥାପିତ କରାଯାଉଛି ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଥିଲେ। ହଜାର ହଜାର ସମୃଦ୍ଧ ଚାଷୀ ପରିବାରକୁ ଉଦ୍‌ବାସ୍ତୁ କରି କୃଷିର ବିକାଶ ନାରା ଏକ ଫମ୍ପା ପ୍ରତିଶ୍ରୁତି ବୋଲି କହିଥିଲେ। ସଂଗ୍ରାମୀ ନେତା ମୀନକୋତ ଚାନ୍ଦ କହିଥିଲେ ଯେ, ସଭ୍ୟତା ଥିବା ଯାଏଁ କୌଣସିଠାରେ ବି ବିକାଶ ନାଁରେ ଆଉ ଯେମିତି ବିସ୍ଥାପନ ନ ହୁଏ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ୍। ଅନ୍ୟକୁ ଭସାଇ ବିକାଶ ପରିକଳ୍ପନା ସମୀଚୀନ୍ ନୁହେଁ। ମହିଳାମାନେ ଅଶ୍ରୁସିକ୍ତ ଆଖିରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ଇଷ୍ଟଦେବୀ ବରଘଟେନ୍-କନ୍ଧେନବୁଢ଼ୀଙ୍କୁ ଗୁହାରି କରି ଭିଟାମାଟି ଛାଡିଥିଲେ। ଜିଲା ପ୍ରଶାସନ ପାଇଁ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ସମ୍ମାନ ଜଣାଇ ବିଗ୍ରହ ସ୍ଥାନାନ୍ତରଣ କାର୍ଯ୍ୟ କିଭଳି ସୁରୁଖୁରୁରେ ହେବ ସେଇ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଜିଲାପାଳ କୁମାର ନାଗଭୂଷଣ ସେଠାର ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏସ୍‌ଡିପିଓ ତୋଫାନ ବାଗ ମଧ୍ୟ ସହଯୋଗ କରିଥିଲେ। ନାମ କୀର୍ତ୍ତନ ଶୋଭାଯାତ୍ରାରେ ଏକ ଗାଡିକୁ ରଥ ଭଳି ସୁସଜ୍ଜିତ କରାଯାଇ ଶ୍ରୀଜଗନ୍ନାଥ ଓ ଗ୍ରାମଦେବୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଝାଙ୍କରପାଲି ନିକଟରେ ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ ଥଇଥାନ କଲୋନୀରେ ତିଆରି ହୋଇଥିବା ଏକ ଅସ୍ଥାୟୀ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କୁ ଆଣି ରଖାଯାଇଥିଲା। ରବିବାର ଦିନ ପାରମ୍ପରିକ ପୂଜାର୍ଚ୍ଚନା ପରେ ମହାପ୍ରଭୁ ସିଂହାସନକୁ ବିଜେ କରିବେ ବୋଲି ପୂଜକ ଚାନ୍ଦ ସୂଚନା ଦେଇଛନ୍ତି। ଗ୍ରାମଦେବୀ ବରଘଟେନ୍-କନ୍ଧେନବୁଢ଼ୀଙ୍କୁ ଥଇଥାନ କଲୋନୀ ଆଦ୍ୟ ପ୍ରାନ୍ତରେ ସ୍ଥାପନ କରାଯାଇଛି। ସେଠାରେ ଦେବୀ ପୂଜା ପାଇବେ ବୋଲି ସୂଚନା ଦିଆଯାଇଛି। ଆଗକୁ ଯେଉଁଳି ବିସ୍ଥାପିତଙ୍କ ପାଇଁ ସବୁ ପ୍ରକାର ସୁବିଧା ହେବ ସେଦିଗରେ ଧ୍ୟାନ ଦେବାକୁ ଦାବି କରିଛନ୍ତି। ଶନିବାର ସକାଳେ ଜିଲାପାଳ ଚଞ୍ଚଳ ରାଣା ଝାଙ୍କରପାଲି ନିକଟ ଗଡଶଙ୍କର ଡୁଙ୍ଗୁରିପାଲି ଥଇଥାନ କଲୋନୀ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିବା ଜଣାପଡିଛି।

### ବିକ୍ରି ଶିଶୁ ଲାଞ୍ଜିଗଡ଼ରୁ ଉଦ୍ଧାର

**ଶିଶୁକୁ ବାପାଙ୍କୁ ହସ୍ତାନ୍ତର କଲା ପୋଲିସ**

ଟିଟିଲାଗଡ଼, ୨୯।୭(ଶରତ ମିଶ୍ର)

୧୦ହଜାର ଟଙ୍କାରେ ଅଢେଇବର୍ଷର ଶିଶୁପୁତ୍ରକୁ ଜନ୍ମିତ ମା' ବିକ୍ରି କରି ଦେଇଥିବା ନେଇ ଟିଟିଲାଗଡ ଥାନାରେ ଅଭିଯୋଗ ହୋଇଥିଲା। ଶିଶୁର ବାପାଙ୍କ ଏ ନେଇ ଅଭିଯୋଗ ପରେ ପୋଲିସ ତତ୍ପରତା ପ୍ରକାଶ କରିଥିଲା। ମା'କୁ ଅଟକ ରଖି ତଦନ୍ତକୁ ବ୍ୟାପକ କରିଥିଲା। ବିକ୍ରି ହୋଇଥିବା ଶିଶୁକୁ ପୋଲିସ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଲଙ୍ଗଲବେଡା ଗାଁରୁ ଉଦ୍ଧାର କରିଛି। ଉଦ୍ଧାର ପରେ ପୁଅକୁ ତାଙ୍କ ବାପା ଅକ୍ଷୟ ପୁଟେଲଙ୍କୁ ହସ୍ତାନ୍ତର କରିଛି ପୋଲିସ। ଫଳରେ ଗତ ୩ଦିନ ଚାଲିଥିବା ଶିଶୁବିକ୍ରି ମାମଲାର ପୂର୍ଣ୍ଣଚ୍ଛେଦ ପଡିଛି। ଟିଟିଲାଗଡ଼ ସହର ପଦ୍ମନାଭପୁରର ଅକ୍ଷୟ ପୁଟେଲ ବରଗଡ଼ର ସ୍ୱର୍ଗତ ବଦ୍ରି ବାଗଙ୍କ କନ୍ୟା ମାନସୀଙ୍କୁ ପ୍ରେମ ବିବାହ କରିଥିଲେ। ଅକ୍ଷୟ ଟ୍ରେନରେ ଫେରି ବ୍ୟବସାୟ କରି ପରିବାର ପୋଷଣ କରୁଥଲେ। ତେବେ ଆର୍ଥିକ ଅନାଟନ ଯୋଗୁଁ ଗତ ଦୁଇବର୍ଷ ଧରି ଉଭୟଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିବା କାରଣରୁ ଉଭୟେ ଅଲଗା ରହୁଥିଲେ। ଅଢେଇ ବର୍ଷର ପୁଅ ଅକ୍ଷୟଙ୍କ ସହ ରହୁଥିଲା। ମାନସୀ ମଝିରେ ମଝିରେ ପୁଅକୁ ଦେଖିବାକୁ ଟିଟିଲାଗଡ ଆସୁଥିଲେ। କିଛିଦିନ ପୂର୍ବେ ମାନସୀ ପୁଅକୁ ସାଙ୍ଗରେ ନେଇ କେସିଙ୍ଗାର ଜଣେ ମଧ୍ୟସ୍ଥି ଥବିର ସୁନାଙ୍କ ସହାୟତାରେ ଲାଞ୍ଜିଗଡ ଲଙ୍ଗଲବେଡାର କପିଳ ବାଗଙ୍କୁ ୧୦ ହଜାର ଟଙ୍କାରେ ବିକ୍ରି କରି ଦେଇଥିବା ଜଣାପଡିଥିଲା। ଗୁରୁବାର ମାନସୀ ଟିଟିଲାଗଡ଼ ଆସୁଥିବା ଖବର ପାଇ ତାଙ୍କୁ ଠାବ କରିବା ସହ ଅକ୍ଷୟ ଓ ତାଙ୍କ ପରବାର ଲୋକେ ଥାନା ଜିମା ଦେଇଥିଲେ। ଏକ ମାମଲା(୨୧୨/୨୩)ରୁଜୁ କରି ପୋଲିସ ମାନସୀଙ୍କୁ ଅଟକ ରଖିବା ସହ ବିକ୍ରି ହୋଇଥିବା ଶିଶୁକୁ ଉଦ୍ଧାର କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା। ଶୁକ୍ରବାର ଉଦ୍ଧାର ଶିଶୁକୁ ପରିବାର ସଦସ୍ୟଙ୍କୁ ଜିମା ଦେବା ସହ ମାନସୀଙ୍କ ବୟାନ ରେକଡ଼ କରି ତାଙ୍କୁ ଛାଡ଼ିଦେଇ ଥିବା ପୋଲିସ ସୂଚନା ଦେଇଛି।

## ବୈଷୟିକ କମିଟିର ସମନ୍ୱିତ କୃଷି କ୍ଷେତ୍ର ପରିଦର୍ଶନ



ସମନ୍ୱିତ କୃଷି କ୍ଷେତ୍ରକୁ ବୈଷୟିକ କମିଟି ସଦସ୍ୟ ପରିଦର୍ଶନ କରୁଛନ୍ତି।

ଖପ୍ରାଖୋଲ, ୨୯।୭(ଅଭୟ ତ୍ରିପାଠୀ)

ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ସମନ୍ୱିତ କୃଷି ପଦ୍ଧତି ଆପଣେଇବାକୁ ସରକାର ଚାଷୀଙ୍କୁ ସଚେତନ କରିବା ସହ ସହାୟତା ପ୍ରଦାନ କରୁଛନ୍ତି। ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଅନେକ ଚାଷୀ ଏହି ପଦ୍ଧତିରେ ଚାଷ କରିବାକୁ ଆବେଦନ କରିଛନ୍ତି। ଆବେଦନ କରିଥିବା ଚାଷୀଙ୍କ କୃଷି କ୍ଷେତ୍ର ପରିଦର୍ଶନ କରିଛନ୍ତି ବ୍ଲକ ସ୍ତରୀୟ ବୈଷୟିକ କମିଟି। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ଅନନ୍ତ ପାଣିଗ୍ରାହୀ, ବୈଷୟିକ ସହ ପରିଚାଳକ ପରେଶ ମେହେର, ମୃତ୍ତିକା ସଂରକ୍ଷଣ ପ୍ରତିନିଧି ସନ୍ତୋଷ କୁମାର ଭୋଇ, ବବିତା ପାଣିଗ୍ରାହୀ, ଇପ୍ସିତା ବାରିକ ପ୍ରସ୍ତାବିତ ପ୍ରକଳ୍ପ ବୁଲି ଦେଖିଥିଲେ। ସମନ୍ୱିତ କୃଷି ପଦ୍ଧତିରେ ଚାଷୀ ଧାନ, ପନିପରିବା, ସହିତ ଫଳ ଚାଷ, ଗୋପାଳନ, କୁକୁଡ଼ା ଚାଷ, ମାଛ ଚାଷ କରିବା ସହିତ କମ୍ପୋଷ୍ଟ ଖତ ପ୍ରସ୍ତୁତି, ଜିଆଖତ ପ୍ରସ୍ତୁତି କର୍‌ବାକୁ ବ୍ୟବସ୍ଥା ରହିଛି। କମିଟି ସଦସ୍ୟ ଓଡ଼ିଆପାଲି, କପସିପାଲି, ମହୁରୁଣ୍ଡି, ପୋଡମୁଣ୍ଡ, ତେଲେନପାଲି, ଝଙ୍କ୍ରିପାଲି, ଘୁନସର ଆଦି ଗାଁ ବୁଲିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଖଡ଼ିଆଳ,୨୯।୭(ସୁଜିତ କୁମାର ପ୍ରଧାନ)

ଖଡ଼ିଆଳ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ବିଦ୍ୟାଳୟ ଯୁଗ୍ମ ସମ୍ପାଦକ ମଦନ ମୋହନ ପୋଡ଼, ରାଜା ଏ. ଟି. ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା, ବିଦ୍ୟାଳୟ ସମ୍ପାଦକ ବିନୋଦବିହାରୀ ପାଢ଼ି ଯୋଗ ଦେଇଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଅତିଥି ପରିଚୟ ସହ ସୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା, ପଲ୍ଲବୀ ଯୋଶୀ,ରାଜଶ୍ରୀ ଦଣ୍ଡସେନା, ମାନସ ମେହେର, ଉତ୍ସବ ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ଦାସ। କ୍ଷେତ୍ର ମୋହନ ହୋତା ବିବରଣୀ ପାଠ, ରଜନୀ ମହାରଣା ମଞ୍ଚ ପରିଚାଳନା, ଉମେଶ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ଟି ପ୍ରକଳ୍ପ, ମୂର୍ତ୍ତିକଳା ପ୍ରତିଯୋଗିତା, ନିର୍ବନ୍ଧ ପ୍ରତିଯୋଗିତା, ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାସ୍ତାପାର୍ଶ୍ୱରେ ପଥର କ୍ୱାରୀ

ଖଡ଼ିଆଳ,୨୯।୭(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସୀମାନ୍ତ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ବଲଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବର୍ଲାବାହାଲି ଗ୍ରାମକୁ ଲାଗି କରି ରହିଛି ବୁନ୍ଦିଆପାହାଡ଼। ବୁନ୍ଦିଆପାହାଡ଼କୁ ଲାଗି ଟିଖାଲି ସାଇଟ କେନାଲ ଯାଇଛି। ହେଲେ ରାସ୍ତାର ୩୦ ମିଟର ବ୍ୟବଧାନରେ ପଥର କ୍ୱାରୀ ରହିଛି। ପ୍ରତିଦିନ ବଡ଼ବଡ଼ ପଥରକୁ ବ୍ଲାଷ୍ଟିଙ୍ଗ କରି ଫଟାଯାଉଛି। ବ୍ଲାଷ୍ଟିଂ ଯୋଗୁ ପଥର ଟୁକୁରା ଛିଟିକି ଆଖପାଖ ଅଞ୍ଚଳ ସହ ରାସ୍ତାରେ ପଡୁଛି। ଫଳରେ ଯାତାୟାତ କରୁଥିବା ଲୋକଙ୍କ ପ୍ରତି ବିପଦଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ୨୦୨୨ ଡିସେମ୍ବର ୭ ତାରିଖରେ ବଙ୍ଗୋମୁଣ୍ଡା ତହସିଲଦାର ଏବଂ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କୌଣସି ସୁଫଳ ମିଳି ନ ଥିବା ଗ୍ରାମର ୱାର୍ଡସଭ୍ୟ ଦୁର୍ଯ୍ୟୋଧନ ବାଗ, ଫାଲଗୁନି ପ୍ରଧାନୀ, ଉମେଶ ଚନ୍ଦ୍ର ନାଏକ ସମେତ ଗ୍ରାମବାସୀ କହିଛନ୍ତି। ଏ ନେଇ ବଙ୍ଗୋମୁଣ୍ଡା ତହସିଲଦାର ଯୋଗେଶର ଧରୁଆଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗକୁ ଟିଟିଲାଗଡ଼ ଉପଜିଲାପାଳଙ୍କୁ ଅବଗତ କରାଇଛି ବୋଲି କହିଛନ୍ତି।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅତିଥି।

ଟିଟିଲାଗଡ଼,୨୯।୭(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବାଳକ ହାଇସ୍କୁଲ ସଭାଗୃହରେ ଶନିବାର ଉପଜିଲାପାଳ ଦୟାମୟ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ତହସିଲଦାର ଡ଼.ଲଳିତ ବାଗ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଥାନା ଆଇଆଇସି ମନୋଜ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ସ୍ୱାଧୀନତା ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା ହେବ। ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଉତ୍ସବରେ ଉପଜିଲାପାଳଙ୍କ ଜାତୀୟ ପତକା ଉତ୍ତୋଳନ କରିବେ। ଏହା ସହ କ୍ରୀଡା ଏବଂ ପରୀକ୍ଷାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଥିଲା। ଅପରାହ୍ନରେ ପ୍ରଶାସନ ଏବଂ ଜନତାଙ୍କ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଆୟୋଜନ ହେବାକୁ ସ୍ଥିର ହୋଇଥିଲା। ଏହି ଅବସରରେ ସିଟି ସ୍କୁଲ ଅଧ୍ୟକ୍ଷ ଯୁବରାଜ ମାଝି, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟାନନ୍ଦ ଜଗତ, ଅଗ୍ନିଶମ ଅଧିକାରୀ ଆର.ଏସ. ବାରିକ, ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୀର ପଣ୍ଡା, ଧୃବଳେଶ୍ୱର ଦଳବେହେରା, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋୟଲ, ଡ଼ଳ ଯୁଗଳ କିଶୋର ଷଡ଼ଙ୍ଗୀ, ଅଲେଖ ଦଳବେହେରା, ରାଜୁ ମିଶ୍ର, ତ୍ରିନାଥ ସରାଫ, ପ୍ରଶାନ୍ତ ବେହେରା, ରୋଟାରି କ୍ଲବ ସମ୍ପାଦକ ପ୍ରମୋଦ ପାଳ, ଅଞ୍ଜଳି ବେହେରା, ବାଳିକା ହାଇସ୍କୁଲ ଖେଳ ଶିକ୍ଷୟିତ୍ରୀ ପଦ୍ମଜା ବହିଦାର, ଡ଼ିଏଭି ମହାବିଦ୍ୟାଳୟ ଏନସିସି ସିଇଓ ବେଦବର ରଣା, ଶାନ୍ତନୁ ବେହେରା, ଗୃହରକ୍ଷୀ ପ୍ଲାଟୁନ କମାଣ୍ଡର ଗୁଲାମ ସାହୁ, ଚିତ୍ତରଞ୍ଜନ ଚାନ୍ଦ, ବନମାଳୀ ବେହେରା ପ୍ରମୁଖ ସହରର ବୁଦ୍ଧିଜୀବୀ, ଶିକ୍ଷାବିତ ଉପସ୍ଥିତ ଥିଲେ।

## ବନ୍ଦ ରହିଛି ସାମୂହିକ ସୋପାନ କାର୍ଯ୍ୟକ୍ରମ

ଲାଠୋର, ୨୯।୭(ଭୁବନେଶ୍ୱର ବାରିକ)

- ଏପ୍ରିଲରୁ ବନ୍ଦ ରହିଛି ଛତୁଆ ଯୋଗାଣ
- ବକେୟା ଟଙ୍କା ମିଳିନ, କାର୍ଯ୍ୟକ୍ରମ ବନ୍ଦ କଲେ ଅଙ୍ଗନୱାଡି କର୍ମୀ

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପରେ ସୋପାନ କାର୍ଯ୍ୟକ୍ରମ ବନ୍ଦ ରହିଛି। ଫଳରେ ଗର୍ଭବତୀ, ପ୍ରସୂତୀ ଏବଂ କିଶୋରୀମାନେ ଅପପୃଷ୍ଟିର ଶିକାର ହେବା ଆଶଙ୍କା ଦେଖାଦେଇଛି। ତୁରେକେଲା ବ୍ଲକର ୮ଟି ସେକ୍ଟର ଅଧୀନରେ ୧୭୩ ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏହି ସବୁ କେନ୍ଦ୍ରରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଗର୍ଭବତୀ, ପ୍ରସୂତୀ ଏବଂ କିଶୋରୀ ରହିଛନ୍ତି। ସେମାନଙ୍କୁ ଅପପୃଷ୍ଟିରୁ ମୁକ୍ତ ରଖିବା ପାଇଁ ସୋପାନ କାର୍ଯ୍ୟକ୍ରମ ମାଧ୍ୟମରେ ପୁଷ୍ଟିକର ଶୁଖିଲା ଏବଂ ଗରମ ରନ୍ଧା ଖାଦ୍ୟ ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ପ୍ରଦାନ କରାଯାଉଛି। ଗର୍ଭବତୀ ଏବଂ ପ୍ରସୂତୀଙ୍କୁ ସପ୍ତାହର ବୁଧବାର ଏବଂ ଶୁକ୍ରବାର ଭାତ, ଅଣ୍ଡା ତରକାରୀ, ମଙ୍ଗଳବାର ଏବଂ ଶନିବାର ଭାତ ସୋୟାବିନ ତରକାରୀ, ସୋମବାର ଏବଂ ଗୁରବାର ଭାତ ଡ଼ାଲମା ଦେବାର ବ୍ୟବସ୍ଥା ରହିଛି। କିଶୋରୀମାନଙ୍କୁ ମାସକୁ ୧୬ଟି ଅଣ୍ଡା ଏବଂ ୩ କେଜି ୬୦୦ ଗ୍ରାମ ଛତୁଆ ଦିଆଯାଇଥାଏ। ହେଲେ ଗହମ ଯୋଗାଣ ବନ୍ଦ ରହିଥିବା ହେତୁ ଏପ୍ରିଲ ୨୦୨୩ ରୁ ଛତୁଆ ଯୋଗାଣ ବନ୍ଦ ରହିଛି। କିଶୋରୀଙ୍କୁ କେବଳ ଅଣ୍ଡା ଏବଂ ଗର୍ଭବତୀ ଏବଂ ପ୍ରସୂତୀଙ୍କୁ ଗରମ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ହେଲେ ଗତ ଅକ୍ଟୋବର ୨୦୨୨ରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୯ ମାସ ହେବ ସୋପାନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶି ଅଙ୍ଗନୱାଡ଼ି କେନ୍ଦ୍ର ପାସବୁକ୍‌ରେ ଜମା ହୋଇ ନ ଥିବା ଯୋଗୁଁ ଅଙ୍ଗନୱାଡ଼ି କର୍ମୀମାନେ ଦୋକାନରୁ ସାମଗ୍ରୀ ଧାର ଆଣି ଚଳାଇଥିଲେ। ଏହାପରେ ମଧ୍ୟ ଅର୍ଥ ରାଶି ଜମା କରା ନଯିବା କାରଣରୁ ତୁରେକେଲା ପ୍ରକଳ୍ପର ସମସ୍ତ ଅଙ୍ଗନୱାଡ଼ି କର୍ମୀ ସୋପାନ କାର୍ଯ୍ୟକ୍ରମକୁ ସାମୂହିକ ଭାବେ ଜୁଲାଇ ୧୪ତାରିଖଠାରୁ ବନ୍ଦ କରି ଦେଇଛନ୍ତି। ଅର୍ଥରାଶି ଜମା ହେବା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ ବୋଲି ସିଡ଼ିପିଓଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ମାସ ମାସ ଧରି ଅର୍ଥ ପ୍ରଦାନ କରା ନଗଲେ ସ୍ୱଳ୍ପ ଦରମା ପାଉଥିବା ଅଙ୍ଗନୱାଡ଼ି କର୍ମୀମାନେ ଧାରରେ କେମିତି କାର୍ଯ୍ୟକ୍ରମ ପରିଚାଳନା କରିବେ ବୋଲି କୁହାଯାଉଛି। ଏନେଇ ତୁରେକେଲା ସିଡ଼ିପିଓ ମାଧୁରୀ ହୋତାଙ୍କୁ ପଚାରିବାରେ ସୋପାନ କାର୍ଯ୍ୟକ୍ରମ ବନ୍ଦ କରିବା ନେଇ ଅଙ୍ଗନୱାଡ଼ି କର୍ମୀମାନେ ଦେଇଥିବା ଲିଖିତ ଅଭିଯୋଗ ପତ୍ର ଜିଲା ସାମାଜିକ କଲ୍ୟାଣ ଅଧିକାରୀଙ୍କ ନିକଟକୁ ପଠାଇ ଦେଇଛି ବୋଲି କହିଥିଲେ। ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

**ସଟ୍ଟା ଚଢ଼ାଉ, ୧ ଗିରଫ**

ବରଗଡ଼ (ପ୍ରେମାନନ୍ଦ ଖମାରୀ): ବରଗଡ଼ ସଦର ଥାନା ପୋଲିସ ଶ୍ରୀହରିନଗରରେ ଚାଲିଥିବା ସଟ୍ଟା କାରବାର ଉପରେ ଶନିବାର ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିନେଶ ମଲ୍ଲିକ(୩୫)। ତାଙ୍କ ପାଖରୁ ବିଭିନ୍ନ ସାମଗ୍ରୀ ଏବଂ ନଗଦ ୯୦୨୦ ଟଙ୍କା ଜବତ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।



# ଜିଲାପାଳଙ୍କ ଆଦେଶ ସତ୍ତ୍ୱେ ନିର୍ବିକାର

ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଲେଙ୍ଗୁ ମିଶ୍ର ଛକଠାରୁ ନୂଆ ଜିରା ବ୍ରିଜ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ବର୍ତ୍ତମାନ ସହରରେ ପ୍ରମୁଖ ଚର୍ଚ୍ଚା ପାଲଟିଛି। ସହରର ଚା' ଖଟିଠାରୁ ଆରମ୍ଭ କରି ବସଷ୍ଟାଣ୍ଡ, ଗଳିକନ୍ଦି ସବୁଠି ଏହାକୁ ନେଇ ଆଲୋଚନା ଜୋର୍ ଧରିଛି। ପ୍ରଶାସନ ସୀମା ଚିହ୍ନଟ ଜାରି ରଖିଥିବାବେଳେ ତାହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପଟେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଆଦେଶକ୍ରମେ ୪୮ଘଣ୍ଟା ମଧ୍ୟରେ ଜବରଦଖଲ ସ୍ଥାନ ଖାଲି କରିବାକୁ ପୌର ପ୍ରଶାସନ ପକ୍ଷରୁ ଶୁକ୍ରବାର ଡାକବାଜି ଯନ୍ତ୍ରରେ ତୁହାକୁ ତୁହା ସୂଚନା ଦିଆଯାଇଥିଲେ ମଧ୍ୟ ଜବରଦଖଲକାରୀମାନେ ନିର୍ବିକାର ରହିଛନ୍ତି।

ଇତିମଧ୍ୟରେ ୨୪ଘଣ୍ଟା ବିତିଯାଇଛି। ହେଲେ କୌଣସି ଜବରଦଖଲକାରୀ ଜାଗା ଖାଲି କରିଥିବା ପରିଲକ୍ଷିତ ହୋଇନାହିଁ। ଜାଗା ଖାଲି କରିବାକୁ ସେମାନଙ୍କୁ ଲିଖିତ ନୋଟିସ୍ ମିଳି ନ ଥିବା କେତେକ ଯୁକ୍ତି ବାଢ଼ିଛନ୍ତି। ଜବରଦଖଲ ଜାଗା ଖାଲି କରିବାକୁ ଆଉ ମାତ୍ର ୨୪ ଘଣ୍ଟା ଅବଧି ବାକି ରହିଛି। କିନ୍ତୁ ସେମାନଙ୍କ


ସୀମା ଚିହ୍ନଟବେଳେ ଲୋକଙ୍କ ଭିଡ଼ ।

ଗତିବିଧିରୁ ସେହି ଅବଧି ମଧ୍ୟରେ ଜବରଦଖଲ ଖାଲି ହେବା ଆଶା କ୍ଷୀଣ ରହିଛି। ଅପରପକ୍ଷେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଜାଗା ଖାଲି କରା ନ ଗଲେ ପୌର ପ୍ରଶାସନର ଆଇନ ଅନୁଯାୟୀ ଜବରଦଖଲ ସ୍ଥାନରେ ଗଢ଼ି ଉଠିଥିବା କୋଠାବାଡ଼ି, ଦୋକାନ ଗୃହ ଆଦିକୁ ଭାଙ୍ଗିବା ସହିତ ଜବରଦଖଲକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଡାକବାଜି ଯନ୍ତ୍ରରେ ସୂଚନା ଦିଆଯାଇଛି। ତେବେ ସୋମବାର ପୂର୍ବାହ୍ନ ୯ଟାରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା କହିଥିବାବେଳେ ଆଗକୁ ଉଚ୍ଛେଦ ହେବ ନା ଅଧାବାଟରେ ଅଟକିଯିବ, ତାହା ସେତେବେଳେ ସ୍ପଷ୍ଟ ହୋଇଯିବ।

ସୂଚନାଯୋଗ୍ୟ, ଲେଙ୍ଗୁ ମିଶ୍ର ଛକରୁ ଜିରା ବ୍ରିଜ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଜବରଦଖଲ ନୂଆ ନୁହେଁ। ସହରବାସୀଙ୍କ ଏହା ଦୀର୍ଘବର୍ଷର ପ୍ରମୁଖ ଦାବି ହୋଇ ରହିଛି । କିନ୍ତୁ ଏପର୍ଯ୍ୟନ୍ତ ତାହା ଦାବିରେ ହିଁ ସୀମିତ ରହିଯାଇଛି। ନୂଆ ଜିରା ବ୍ରିଜ ନିର୍ମାଣ କାର୍ଯ୍ୟ ସରିବା ତଥା ବ୍ରିଜର ଅପରପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ପରେ ଏହି ଦାବିର ତାତି ଆହୁରି ବଢ଼ିଯାଇଛି। ବିଭିନ୍ନ ସଙ୍ଗଠନର ଦାବି ଜୋର୍ ଧରିବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ କରାଯାଇଛି । କମିଟି ଉଚ୍ଛେଦ ପ୍ରକ୍ରିୟାକୁ ନେଇ ବାରମ୍ବାର ବୈଠକ ପରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛି। ସେହି ରିପୋର୍ଟ ପାଇବା ପରେ ଜିଲାପାଳଙ୍କ ଆଦେଶକ୍ରମେ ୪୮ଘଣ୍ଟା ପରେ ଜାଗା ଖାଲି କରିବାକୁ ସୂଚନା ଦିଆଯାଇ ସୀମା ଚିହ୍ନଟ ଚାଲିଛି ତେବେ ରାସ୍ତା ପ୍ରଶସ୍ତୀକରଣ ପାଇଁ କମିଟିର ନିଷ୍ପତ୍ତିକ୍ରମେ ପ୍ରଥମେ ପୌର, ପୂର୍ତ୍ତ ଏବଂ ରାଜସ୍ୱ ବିଭାଗ ନାମରେ ରହିଥିବା ୫୩ ପ୍ଲଟକୁ ଚିହ୍ନଟ କରାଯାଇଛି ଏବଂ ସମ୍ପୃକ୍ତ ପ୍ଲଟ ଗୁଡ଼ିକର ସୀମା ଚିହ୍ନଟ କରି ୪୮ଘଣ୍ଟା ମଧ୍ୟରେ ସେହି ଜାଗା ଛାଡ଼ିବାକୁ ସମ୍ପୃକ୍ତ ଦୋକାନୀ, ଘର ମାଲିକଙ୍କୁ ପରାମର୍ଶ ଦିଆଯାଇଛି। ତାହା ଉଚ୍ଛେଦ ହେବା ପରେ ଅସାଧୁ ଉପାୟରେ ସରକାରୀ ଜାଗାକୁ ନିଜ ନାମରେ ରେକର୍ଡ କରି ସେଠାରେ ଗଢ଼ି ଉଠିଥିବା କୋଠାବାଡ଼ି, ଦୋକାନ, ଘର ଉଚ୍ଛେଦ ହେବ। ଏଭଳି ଭାବେ ଲେଙ୍ଗୁ ମିଶ୍ର ଛକଠାରୁ ନୂଆ ଜିରା ବ୍ରିଜ ପର୍ଯ୍ୟନ୍ତ ଜବରଦଖଲକୁ ସମ୍ପୂର୍ଣ୍ଣ ହଟାଇ ଦିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଦଣ୍ଡସେନା କହିଛନ୍ତି। ଅନ୍ୟପଟେ ସୀମା ଚିହ୍ନଟ ପ୍ରକ୍ରିୟା ଚାଲିଥିବାବେଳେ ଶନିବାର ସାମୟିକ ଉତ୍ତେଜନା ପ୍ରକାଶ ପାଇଥିଲା। ଲିଖିତ ଆଦେଶ ପାଇ ନ ଥିବାରୁ ସୀମା ଚିହ୍ନଟ ବନ୍ଦ ରଖିବାକୁ କିଛି ଲୋକ ଯୁକ୍ତି ବାଢ଼ିଥିଲେ। ଖବର ପାଇ ତହସିଲଦାର ପ୍ରଶାନ୍ତ ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଦଣ୍ଡସେନା, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ସେଠାକୁ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ସେମାନଙ୍କ ଉପସ୍ଥିତିରେ ପୁଣି ସୀମା ଚିହ୍ନଟ ହୋଇଥିଲା।

**ଲେଙ୍ଗୁ ମିଶ୍ର ଛକ-ନୂଆ ଜିରା ବ୍ରିଜ ରାସ୍ତା ଜବରଦଖଲ**

- ଆଦେଶ ଅବଧି ୨୪ଘଣ୍ଟା ବିତିଲା
- ଖାଲି ହୋଇନି ଜବରଦଖଲ ଜାଗା
- ଲିଖିତ ଆଦେଶ ମିଳି ନ ଥିବା ଆଳ
- ସୋମବାରରୁ ଆରମ୍ଭ ହେବ ଉଚ୍ଛେଦ

## ସଂକ୍ଷେପରେ

### ବ୍ଲକ ଉପାଧ୍ୟକ୍ଷଙ୍କ ବିରୋଧରେ ମାମଲା ରୁଜୁ

ପାଇକମାଲ,୨୯।୭(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଲ ବ୍ଲକ ମିଶନ ଶକ୍ତି ବିଭାଗରେ କାର୍ଯ୍ୟରତ ବିଏଲ୍‌ସି ରୋହିଣୀ ବରିହାଙ୍କୁ ଗାଳିଗୁଲଜ ଏବଂ ଧମକ ଦେବା ଅଭିଯୋଗରେ ପୋଲିସ ଏକ ମାମଲା (ନଂ.୧୬୮।୨୩) ରୁଜୁ କରିଛି । ବରିହାଙ୍କ ଏତଲାକ୍ରମେ ରୁଜୁ ହୋଇଥିବା ମାମଲାରେ ପାଇକମାଲ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା, କାଂସଡ଼ା ଗ୍ରାମର ସୌଦାମିନୀ ତ୍ରିପାଠୀ, ପାଇକମାଲ ବ୍ଲକର ବିପିଏମ ଇନ୍ଦ୍ରମଣି କୁମ୍ଭାର, କାଂସଡ଼ା ଗ୍ରାମର ଚମ୍ପାବତୀ ତନସନା, ତାରା ମିର୍ଦ୍ଧା, ହିଙ୍ଗୁଳା ଭୋଇ ଏବଂ ଅନ୍ୟମାନଙ୍କୁ ଅଭିଯୁକ୍ତ ଭାବେ ଉଲ୍ଲେଖ କରାଯାଇଛି। ପ୍ରକାଶଥାଉକି, ଗତ ୨୧ତାରିଖରେ ବିଏଲସି ବରିହାଙ୍କୁ ବ୍ଲକ ଚେୟାରମ୍ୟାନଙ୍କ କାର୍ଯ୍ୟାଳୟକୁ ଡକାଯାଇଥିଲା ଏବଂ ସେଠାରେ ପଦ୍ମପୁର ବିଧାୟିକା, ପାଇକମାଲ ବ୍ଲକ ଚେୟାରମ୍ୟାନଙ୍କ ଉପସ୍ଥିତିରେ ତାଙ୍କୁ ଗାଳିଗୁଲଜ ସହିତ ଧମକ ଦିଆଯାଇଥିବା ନେଇ ସେ ଗତ ୨୪ତାରିଖରେ ପୋଲିସରେ ଏତଲା ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ବରିହାଙ୍କୁ ପଚାରିବାରୁ ସେ କିଛି ଗଣ୍ଡଗୋଳ କିମ୍ବା ଗାଳିଗୁଲଜ କରି ନ ଥିବା କହିଛନ୍ତି ।

### ସଚେତନ ନାଗରିକ କମିଟି ପକ୍ଷରୁ ବୃକ୍ଷରୋପଣ

ବରପାଲି,୨୯।୭ (ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ରେମତା ପଞ୍ଚାୟତ କୃଷକପଲ୍ଲୀ ଗ୍ରାମରେ ପଞ୍ଚାୟତ ସଚେତନ ନାଗରିକ କମିଟି ପକ୍ଷରୁ ରେମତା ଗ୍ରାମରୁ ଜଗନ୍ନାଥ ନଗର ପର୍ଯ୍ୟନ୍ତ ରାସ୍ତାକଡ଼ରେ ବୃକ୍ଷରୋପଣ କରାଯାଇଛି। ଏଥିରେ ସରପଞ୍ଚ ବିନୟ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବୃକ୍ଷ ବଞ୍ଚିଲେ ଜୀବନ ବଞ୍ଚିବ। ଏଣୁ ସମସ୍ତେ ଗୋଟିଏ ଲେଖାଏ ଗଛ ଲଗାନ୍ତୁ ବୋଲି କହିଥିଲେ। ବିକାଶ ସାହୁ, ସୁଧିର ଗଡତିଆ, ଆନନ୍ଦ ସାହୁ, କୁନାଲ ଗଡତିଆ, ଝସକେତନ ପଧାନ, ନରେନ୍ଦ୍ର ଭୋଇ, ଶ୍ୟାମ ଭୋଇ, ପିଣ୍ଟୁ ଦାସ, ରାକେଶ ଭୋଇ, ରାଜୁ ସାହୁ, ଚିତ୍ତ ହୋଇ, ସୁଭମ ଭୋଇ, ଅନୁଜ ଥପା, ଆଶିଷ ଥପା, ଦେବବ୍ରତ ଭୋଇ, ସୁଧାଂଶୁ ଗଡତିଆ, ମଧୁ ଭୋଇ, ସଫେଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ପ୍ରସ୍ତାବିତ ପଦ୍ମପୁର ଜିଲା କମିଟି

ପଦ୍ମପୁର,୨୯।୭(ପ୍ରଦୀପ୍ତ ଦାଶ)

ପଦ୍ମପୁରକୁ ଜିଲା ମାନ୍ୟତା ଦାବି ଜୋର ଧରିଛି। ଏହି କ୍ରମରେ ସ୍ଥାନୀୟ ରାଜାଜୀ ଟାଉନ ହଲଠାରେ ଓକିଲ ସଂଘ ସଭାପତି ସନ୍ତୋଷ ଶତପଥିଙ୍କ ଅଧକ୍ଷତାରେ ଶନିବାର ଏକ ସଭା ହୋଇଥିଲା। ସଂଘ ସମ୍ପାଦକ ଚିନ୍ମୟ ପଣ୍ଡା ଏହାକୁ ସଂଯୋଜନା କରିଥିଲେ। ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ସତ୍ୟଭୁଷଣ ସାହୁ ସଭାରେ ଯୋଗଦାନ କରି ଜିଲା ଗଠନରେ ସକାରାତ୍ମକ ମତ ପ୍ରଦାନ କରିଥିଲେ। ଆସନ୍ତା ୧୫ ତାରିଖ ସୁଦ୍ଧା ଏକ କମିଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସହ ସାକ୍ଷାତ କରି ପ୍ରତିଶ୍ରୁତି ପାଳନ ପାଇଁ ଅନୁରୋଧ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଭାରେ ଆଡଭୋକେଟ ଗୌନ୍ତିଆ ସାହୁ, ଜୟନାରାୟଣ ତ୍ରିପାଠୀ, ଅଶୋକ ବହିଦାର, ମଧୁସୁଦନ ଦାଶ, ରାଧାମାଧବ ଦୋରା, ମହେନ୍ଦ୍ର ଭୋଇ, ବିଭୂତି ଭୂଷଣ ଦାଶ, ନିରୋଜ ଦୋରା, ଉମେଶ ସାହୁ, ଅଜିତ ଶତପଥି, ପ୍ରଶାନ୍ତ ମାଝି, ଅରବିନ୍ଦ ପଣ୍ଡା, କିଶୋର ଦେବତା, ଧରମ ପାଢ଼ୀ, ସୁନୀଲ ଅଗ୍ରୱାଲ, ଅଶୋକ ମିଶ୍ର, ତୁଳାରାମ ବେହେରା, ଆନନ୍ଦ ବେହେରା, ସନ୍ତୋଷ ମହାନ୍ତି, କିଶୋର ଦାଶ, ଭରତ ପଣ୍ଡାଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଓ ସମସ୍ତ ବ୍ଲକର ପ୍ରତିନିଧି ଯୋଗଦାନ କରିଥିଲେ।

# ରେଳ ଉପଭୋକ୍ତା ସଂଘର ବୈଠକ

ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ଏକ ବୈଠକ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ନୂତନ କର୍ମକର୍ତ୍ତା ମନୋନିତ କରାଯାଇଥିଲା। ଏଥିରେ ପ୍ରଦୀପ ଦେବତା ସଭାପତି, କୃଷ୍ଣଚନ୍ଦ୍ର ପଣ୍ଡା କାର୍ଯ୍ୟକାରୀ ସଭାପତି, ପ୍ରୀତମ ସିଂହ, ଇନ୍ଦିରା ମହାନ୍ତି ଓ ନିର୍ମଳ କିଶୋର କର ଉପସଭାପତି, କମଳ ଯୋଶୀ ସମ୍ପାଦକ, ମନୋରଞ୍ଜନ ପୂଜାରୀ ଯୁଗ୍ମ ସମ୍ପାଦକ, ଗୋପାଳ ଚନ୍ଦ୍ର ଦାଶ କୋଷାଧ୍ୟକ୍ଷ, କିଶୋର କୁମାର ରଥ, ଅଭୟ କୁମାର ଭୋଇ, ଅଭିଜିତ ପ୍ରତିହାର, ଅମିତ ସାହୁ ଜନସମ୍ପର୍କ ଅଧିକାରୀ ଭାବେ ମନୋନିତ ହୋଇଛନ୍ତି। ସେହିପରି


ବୈଠକରେ ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

ଅଚ୍ୟୁତାନନ୍ଦ ବାରିକ, ମଳୟ ମହାନ୍ତି, ଗୋବିନ୍ଦ ଦାଶ, ଦେବୀ ପଟ୍ଟନାୟକ, ଲକି ମିରଖାନୀ, ଉଦ୍ଧବ ବେହେରା, ହରଦୀପ ସିଂହ, ରାମକୃଷ୍ଣ ମେହେର, ସି.ଏମ୍. ରାଓ ଉପଦେଷ୍ଟା କମିଟି ସଦସ୍ୟ ଭାବେ ମନୋନିତ ହୋଇଛନ୍ତି। ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନକୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ଉପରେ ରେଳବାଇ ପକ୍ଷରୁ କୌଣସି ସକରାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉ ନ ଥିବାରୁ ଚରମ ପଦକ୍ଷେପ ସ୍ୱରୂପ ବରଗଡ଼ର ବିଭିନ୍ନ ଅନୁଷ୍ଠାନ ତଥା ବଲାଙ୍ଗୀର ରେଳ ଉପଭୋକ୍ତ ସଂଘ ସହିତ ମିଶି ଏକ ନିର୍ଦ୍ଧାରିତ ଦିନରୁ ରେଲରୋକୋ ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବିଷ୍ଣୁ ଧାନୁକା, ହରେକୃଷ୍ଣ ସାହୁ, ଦୀପକ ରେଖାନୀ, ଅନୀଲ ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କୋର୍ଟରେ ବୟାନ ବଦଳାଇ ଚାକିରିରୁ ବହିଷ୍କୃତ ହେଲେ ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୨୯।୭(ସୂର୍ଯ୍ୟକାନ୍ତ ବେହେରା)

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରୁଥିଲାବେଳେ ଅନେକ ସମୟରେ ସାକ୍ଷୀମାନେ କୋର୍ଟରେ ବୟାନ ବଦଳାଉଥିବାରୁ ଦୋଷୀମାନେ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ତେଣୁ ଏଭଳି ସାକ୍ଷୀଙ୍କ ବିରୋଧରେ ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପଦକ୍ଷେପ ଆରମ୍ଭ ହୋଇଛି। ଲାଞ୍ଚ ମାମଲାରେ ଜଡିତ ଜଣେ ଅଧିକାରୀଙ୍କୁ ବଞ୍ଚାଇବାକୁ ଯାଇ କୋର୍ଟରେ ବୟାନ ବଦଳାଇବା ଜଣେ ସହକାରୀ ଯନ୍ତ୍ରୀଙ୍କୁ ଚାକିରି ହରାଇବାକୁ ପଡିଛି। ସେ ବରଗଡ ଜିଲା ବିଜେପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ଉପେନ୍ଦ୍ର ଭଞ୍ଜ ନାଏକ। ରାଜ୍ୟ ସରକାର ତାଙ୍କୁ ଚାକିରିରୁ ବହିଷ୍କୃତ କରିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ସୂଚନାନୁସାରେ, ୨୦୧୧ରେ ଲାଞ୍ଚ ନେବାବେଳେ ବରଗଡ ପଶ୍ଚିମ ବିଦ୍ୟୁତ୍ ଡିଭିଜନର ତତ୍କାଳୀନ ବରିଷ୍ଠ କିରାଣୀ ଆନନ୍ଦ ସରାଫ ଭିଜିଲାନ୍ସ ଜାଲରେ ପଡିଥିଲେ। ଏହି ମାମଲାର ପ୍ରତ୍ୟକ୍ଷଦର୍ଶୀ ଥିଲେ ଉପେନ୍ଦ୍ର। ସେ ସେତେବେଳେ ସୋହେଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସେକ୍ସନର କନିଷ୍ଠ ଯନ୍ତ୍ରୀ ଥିଲେ। ହେଲେ ମାମଲାର ଶୁଣାଣିବେଳେ କୋର୍ଟରେ ପୂର୍ବରୁ ଦେଇଥିବା ବୟାନ ବଦଳାଇଥିଲେ ଉପେନ୍ଦ୍ର। ଅଭିଯୁକ୍ତକୁ ସାହାଯ୍ୟ କରିବା ପାଇଁ ମିଛ ପ୍ରମାଣ ମଧ୍ୟ ଦେଇଥିଲେ, ଯେଉଁଥିପାଇଁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ଏହା ଜଣାପଡିବା ପରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ସୁପାରିଶ ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ପିଡିଏସ୍ ଚାଉଳ ବିତରଣ କେନ୍ଦ୍ର ଉଦ୍‌ଘାଟନ



ପଦ୍ମପୁର,୨୯।୭(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ରଜାପଡାଠାରେ ୧, ୮, ୯, ୧୦ ଓ ୧୧ ନମ୍ବର ୱାର୍ଡ ପାଇଁ ଏକ ପିଡିଏସ ଚାଉଳ ବିତରଣ କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ରକୁ ବିଧାୟିକା ବର୍ଷା ସିଂ ବରିହା ଉଦ୍‌ଘାଟନ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ପିଡ଼ିଏସ୍ ଚାଉଳ ବିତରଣର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବାବୁଲୁ ଖାନ, ବିଜେଡ଼ି ଟାଉନ ସଭାନେତ୍ରୀ ମନୋରମା ମହାପାତ୍ର, କାଉନସିଲର ସଂଯୁକ୍ତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ହଜିଲା ପୁଅକୁ ଫେରିପାଇଲା ପରିବାର

ଭେଡ଼େନ,୨୯।୭ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଥାନା ତଥା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ପଧାନପାଲି ଗ୍ରାମର ଏକ ଆବର୍ଜନା କୁଣ୍ଡ ନିକଟରେ ଆଶ୍ରୟ ନେଇଥିବା ଜଣେ ଯୁବକଙ୍କୁ ପୋଲିସ ଉଦ୍ଧାର କରିଛି। ପରିଚୟ ଜଣାପଡିବା ପରେ ପୋଲିସ ଉକ୍ତ ଯୁବକଙ୍କ ପରିବାର ଲୋକଙ୍କୁ ଡକାଇ ଶନିବାର ହସ୍ତାନ୍ତର କରିଛି । ଦୀର୍ଘ ୨ ବର୍ଷ ପରେ ପରିବାର ଲୋକେ ହଜିଲା ପୁଅକୁ ଫେରିପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଲୋକିପୁର ଗ୍ରାମର ହାଡ଼ିବନ୍ଧୁ ନାୟକଙ୍କ ବଡ଼ପୁଅ ସୂର୍ଯ୍ୟକାନ୍ତ (୩୨) ମେଣ୍ଢା ଚରେଇବାକୁ ଯାଇ ପ୍ରାୟ ୨ବର୍ଷ ତଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ସନ୍ଧାନ ନ ମିଳିବାରୁ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ତେବେ ସୂର୍ଯ୍ୟକାନ୍ତ ୨ ବର୍ଷ ହେଲା ପଧାନପାଲିର ଏକ ଆବର୍ଜନା କୁଣ୍ଡ ନିକଟରେ ପଡ଼ି ରହିଥିଲେ। କୌଣସି


ସୂର୍ଯ୍ୟକାନ୍ତଙ୍କୁ ପରିବାର ଲୋକେ ନେବାବେଳେ ପୋଲିସ, ସରପଞ୍ଚ ଏବଂ ଗ୍ରାମବାସୀ ଉପସ୍ଥିତ ଅଛନ୍ତି ।

**୨ବର୍ଷ ପରେ ଗାଁକୁ ଗଲେ ଯୁବକ**

ସହୃଦୟ ବ୍ୟକ୍ତି କିଛି ଖାଇବାକୁ ଦେଲେ ସେ ଖାଉଥିଲେ ନଚେତ୍ ଉପାସରେ ରହୁଥିଲେ। କିଛିଦିନ ତଳେ ରଷୁଡ଼ା ଫାଣ୍ଡି ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରିବା ସମୟରେ ଉକ୍ତ ଅପରିଚିତ ଯୁବକଙ୍କୁ ଦେଖିଥିଲେ। ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ଯୁବକଙ୍କ ସମସ୍ତ ତଥ୍ୟ ପଚାରି ବୁଝିବା ପରେ ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତି ରହିଥିବା ଜଣାପଡିଥିଲା। ତେବେ ସେ କେମିତି ଏଠାକୁ ଆସିଲେ କିଛି କହି ପାରି ନ ଥିଲେ ଏବଂ ଘରକୁ ଫେରିବାକୁ ଚାହୁଁଥିବା ପୋଲିସ ଆଗରେ କହିଥିଲେ। ଏ ନେଇ ରୁଷୁଡ଼ା ପୋଲିସ ବେଗୁନିଆ ଥାନା ସହିତ ଯୋଗାଯୋଗ କରିଥିଲା। ଖବର ପାଇ ଯୁବକଙ୍କ ପରିବାର ଲୋକେ ଭେଡେନ ଆସିଥିଲେ। ଶନିବାର ପୋଲିସ, ଗ୍ରାମବାସୀ ଏବଂ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ପରିବାର ଲୋକେ ସୂର୍ଯ୍ୟକାନ୍ତଙ୍କୁ ନିଜ ଗାଁକୁ ନେଇଥିଲେ।

### ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ପଦ୍ମପୁର,୨୯।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦଘାଟିତ ହୋଇଛି। ଜୟନ୍ତୀ ବେହେରା ଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଶୁ ବାଟିକା ଓ ପ୍ରାଥମିକ ବିଭାଗରୁ ୧୯୧ଜଣ ପ୍ରତିଭାଗୀ ଶିଶୁ ଭାଗ ନେଇଥିବା ବେଳେ ଦିବା ପର୍ଯ୍ୟାୟ ପ୍ରମୁଖ ମୁଦିରଥ ପଣ୍ଡା ଓ ପ୍ରାତଃ ପର୍ଯ୍ୟାୟ ପ୍ରମୁଖା ସୁଜାତା ତ୍ରିପାଠୀ ପୁରସ୍କାର ପ୍ରଦାନ କରିଥିଲେ। ସହ ବିଜ୍ଞାନ ପ୍ରମୁଖ ବିବେକ ଗୁରୁଜୀ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ କିଶୋର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରମୁଖ ମମତା ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ମେଳାରେ ଶିଶୁ ବର୍ଗରୁ ୫୪, ବାଳ ବର୍ଗରୁ ୩୮ ଓ କିଶୋର ବର୍ଗରୁ ୧୦ ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାକୁ ମନୋନିତ ହୋଇଥିଲେ।

## ପଦ୍ମପୁର ବିଧାୟିକାଙ୍କ ନାଁରେ ମାମଲାକୁ ଖଣ୍ଡନ


ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା।

ପଦ୍ମପୁର,୨୯।୭(ପ୍ରଦୀପ୍ତ ଦାଶ)

ଜଣେ ଆଦିବାସୀ ମହିଳାଙ୍କୁ ଗାଳିଗୁଲଜ କରିବା ସହିତ ମାଡ ଅଭିଯୋଗରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଖବରକୁ ସ୍ଥାନୀୟ ବିଜେଡି ଖଣ୍ଡନ କରିଛି। ଶନିବାର ପଦ୍ମପୁର ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ଘିବେଲା ଏକ ଖବରଦାତା ସମ୍ମିଳନୀ କରି ଏ ନେଇ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ବିଧାୟିକାଙ୍କ ନାଁରେ ମାମଲା ରୁଜୁ ହେବା ଖବର ସମ୍ପୂର୍ଣ୍ଣ ମିଥ୍ୟା। ବିଧାୟିକାଙ୍କ ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ବିରୋଧୀ ଏଭଳି ଷଡ଼ଯନ୍ତ୍ର ରଚିଛନ୍ତି। ବିଧାୟିକାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲେ ରାଜନୀତିରୁ ସନ୍ୟାସ ନେବି ବୋଲି ଘିବେଲା କହିଥିଲେ। ସେହିପରି ଆଗାମୀ ଦିନରେ ଏଭଳି ମିଥ୍ୟା ଖବର ପରିବେଷଣ କଲେ ବିଜେଡି ଆଇନର ଆଶ୍ରୟ ନେବ ବୋଲି ରାଜ୍ୟ ସମ୍ପାଦକ ଘିବେଲା କହିଥିଲେ। ଖବରଦାତା ସମ୍ମିଳନୀରେ ପାଇକମାଳ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ରାଉତ, ବରିଷ୍ଠ ବିଜେଡି ନେତା ହୃଦାନନ୍ଦ ବାରିକ ଉପସ୍ଥିତ ଥିଲେ।

### ଆର୍‌ଏମ୍‌ସି ଗୋଦାମ କାମ ଦେଖିଲେ ଉପଜିଲାପାଳ

ପାଇକମାଲ,୨୯।୭(ବଡ ଶତପଥି)

ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ଶନିବାର ନିର୍ମାଣାଧୀନ ପାଇକମାଳ ଆର୍‌ଏମ୍‌ସି ଗୋଦାମ କାମ ନିରୀକ୍ଷଣ କରିଛନ୍ତି। ଗତ ୨୬ ତାରିଖରେ ଜିଲାପାଳ ମୋନିଷା ବାନାର୍ଜୀ ଉକ୍ତ ଗୋଦାମ ବୁଲି ଦେଖିଥିଲେ ଓ ପଦ୍ମପୁର ଉପଜିଲାପାଳଙ୍କୁ ଏହାର ତଦାରଖ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ପଦ୍ମପୁର ଆରଏମ୍‌ସି ସମ୍ପାଦକ ତ୍ରିନାଥ ରାଉତ, ବିଭାଗୀୟ ଯନ୍ତ୍ରୀ ମାନସ ସାମଲ ଓ ଠିକାଦାର ଉପସ୍ଥିତ ଥିଲେ। ନିର୍ମାଣ କାମରେ ଥିବା ତ୍ରୁଟି ସୁଧାରିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ପାଇକମାଳର କେତେକ ବୁଥ୍ ବୁଲି ଦେଖିଥିଲେ ।


ଉପଜିଲାପାଳ ଗୋଦାମ କାମ ବୁଲି ଦେଖୁଛନ୍ତି।

# ବେଦର ସୁରକ୍ଷା ବିନା ଭାରତୀୟ ସଂସ୍କୃତି ଅସମ୍ପୂର୍ଣ୍ଣ

ବରଗଡ଼,୨୯।୭(ପ୍ରେମାନନ୍ଦ ଖମାରୀ)

ବେଦ ହେଉଛି ଭାରତୀୟ ସଂସ୍କୃତିର ମୂଳ ଆଧାର। ବେଦ ପଢ଼ିବା, ପଢ଼ାଇବା ସମସ୍ତଙ୍କ ପରମ କର୍ତ୍ତବ୍ୟ ହେବା ଉଚିତ। ବେଦର ସଂସ୍କୃତ ମନ୍ତ୍ର ଉଚ୍ଚାରଣ ମଣିଷର ଆଚରଣକୁ ପରିମାର୍ଜିତ କରେ। ତେଣୁ ବେଦର ସୁରକ୍ଷା ବିନା ଭାରତୀୟ ସଂସ୍କୃତି ଅସମ୍ପୂର୍ଣ୍ଣ ବୋଲି ବରଗଡ଼ ଜିଲା ଭଟଲି ବ୍ଲକ କମଗାଁ ମହାବିଦ୍ୟାଳୟରେ ଓଡ଼ିଶା ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ମୂଲ୍ୟବୋଧ ଭିତ୍ତିକ ଆଲୋଚନାଚକ୍ରରେ ଆଲୋଚକମାନେ ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି, ବକ୍ତାବୃନ୍ଦ ।

ଏହି କାର୍ଯ୍ୟକ୍ରମକୁ ସଂସ୍କୃତ ଅଧ୍ୟାପକ ଶ୍ୟାମସୁନ୍ଦର ସାହୁ ସଂଯୋଜନା କରିଥିଲେ। ସୁରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଏବଂ ବେଦ ସଂସ୍କୃତି ଗବେଷକ ଶ୍ରୀକାନ୍ତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଜୀବନରେ ବେଦର ମହତ୍ତ୍ୱ ଏବଂ ବେଦମନ୍ତ୍ରର ପ୍ରଭାବ ଉପରେ ସେମାନେ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟ ସଂସ୍କୃତ ଭାଷା ସୁରକ୍ଷା ମଞ୍ଚର ଆବାହକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷା ସହିତ ସବୁ ବିଦ୍ୟାର ମୂଳଉତ୍ସ ବେଦର ପ୍ରଚାର, ପ୍ରସାରର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ। ସୁନୀଲ କୁମାର ପଣ୍ଡା, ପ୍ରଦେଶୀ ପୂଜାହାରୀ, ବିନୟ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବେଦ ଅଧ୍ୟୟନର ପ୍ରାସଙ୍ଗିକତା ଜୀବନର ପ୍ରତିଟି ମୁହୂର୍ତ୍ତରେ ରହିଥିବା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ପ୍ରମୋଦ ଦାଶ ଭାରତୀୟ ସଂସ୍କୃତି ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। କମଗାଁ ମହାବିଦ୍ୟାଳୟର ଛାତ୍ରୀମାନେ ସଂସ୍କୃତ ଭାଷାରେ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ସତ୍ୟସାଇ ସେବା ସଙ୍ଗଠନର ବିନୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଟାପାଲି ସତ୍ୟସାଇ ସେବା ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଗ୍ରହୀ ଛାତ୍ରୀମାନଙ୍କୁ ମାଗଣାରେ ବେଦପାଠ ଶିକ୍ଷାଦାନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଥିଲା।




## ଆଜି କ'ଣ କେଉଁଠି

ରାଉରକେଲା

- ପଥପ୍ରାନ୍ତ କବିତା ପାଠୋତ୍ସବ, ଭଞ୍ଜ ଭବନ, ଅପରାହ୍ନ ୪ଟା।
- ଇଡକୋ ସମ୍ପର୍କିତ ଖବରଦାତା ସମ୍ମିଳନୀ, ହୋଟେଲ ସୋଲେସ, ପୂର୍ବାହ୍ନ ୧୧ଟା।
- ଆଥେଲେଟିକ ମିଟ୍, ବିର୍ସା ମୁଣ୍ଡା ଆଥ୍ଲେଟିକ ଷ୍ଟାଡିୟମ, ଅପରାହ୍ନ ୧ଟା।
- ସମ୍ବଲପୁରୀ ଦିନ୍ ପଥପ୍ରାନ୍ତ ଯାତ୍ରା, ଉଦିତନଗର, ସକାଳ ୭ଟା।
- ଅଖିଳ ଭାରତ ଛାତ୍ରସଂଘର ପ୍ରତିଷ୍ଠା ଦିବସ, ହରିବନ୍ଧୁ ଭବନ, ବିଶ୍ରା ରୋଡ୍, ସକାଳ ୧୦ଟା।
- ହନୁମାନ ମନ୍ଦିରରେ ବୃକ୍ଷରୋପଣ, ସେକ୍ଟର-୧୩, ସକାଳ ୮ଟା ୩୦।




ଶନିବାର ପଶ୍ଚିମ ଓଡ଼ିଶାରୁ ଉତ୍ତର ଓଡ଼ିଶାକୁ ରେଳ ସଂଯୋଗ ଦାବିରେ ଶନିବାର ପୂର୍ବାହ୍ନରେ ରେଳ ବିକାଶ ସମନ୍ୱୟ ସମିତି ପକ୍ଷରୁ ରାଉରକେଲା ରେଲୱେ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ରେଳ ବିକାଶ ସମନ୍ୱୟ ସମିତିର ବିକ୍ଷୋଭ ପ୍ରଦର୍ଶନ

**ପଶ୍ଚିମରୁ ଉତ୍ତର ଓଡ଼ିଶାକୁ ରେଳ ସଂଯୋଗ ଦାବି**

ରାଉରକେଲା,୨୯।୭(ସଙ୍ଗୀତା ଜେନା)

ଚକ୍ରଧରପୁର, କେନ୍ଦୁଝର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଦେଇ ପଶ୍ଚିମ ଓଡ଼ିଶାରୁ ଉତ୍ତର ଓଡ଼ିଶାକୁ ରେଳ ସଂଯୋଗ ଦାବିରେ ଶନିବାର ପୂର୍ବାହ୍ନରେ ରେଳ ବିକାଶ ସମନ୍ୱୟ ସମିତି ପକ୍ଷରୁ ରାଉରକେଲା ରେଲୱେ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ମର୍ମରେ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ପ୍ରବନ୍ଧକ ପ୍ରଭାସ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ରାଉରକେଲାରୁ ଉତ୍ତର ଓଡ଼ିଶାକୁ ଟ୍ରେନ ଚଳାଚଳ କରିବାକୁ ଦାବି ହୋଇଆସୁଥିଲା। ହେଲେ ଏହାର ସୁଫଳ ମିଳିଲାନି। ରାଉରକେଲା ଓଡ଼ିଶାର ପ୍ରମୁଖ ଶିଳ୍ପନଗରୀ ସହିତ ସ୍ମାର୍ଟସିଟି ଅଟେ। ଏଠାରେ ଉତ୍ତର ଓଡ଼ିଶାର ବହୁ ଲୋକ ବସବାସ କରୁଛନ୍ତି। ଟ୍ରେନ ବ୍ୟବସ୍ଥା ନ ଥିବାରୁ ଲୋକେ ହଇରାଣ ହେଉଥିବା ବେଳେ ଉତ୍ତର ଓଡ଼ିଶାରେ ଥିବା ତାରିଣୀ ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ବିରଜା ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ଓ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଯାଇ ପାରୁନାହାନ୍ତି। ଏହାଦ୍ୱାରା ବାଣିଜ୍ୟ ମଧ୍ୟ ପ୍ରଭାବିତ ହେଉଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଆଇନଜୀବୀ ସଦାନନ୍ଦ ସାହୁ, ଶମ୍ଭୁନାଥ ପରିଡ଼ା, ଡ. କିଶୋରୀ ଦାସ, ଶଶଧର ପାତ୍ର, ଅକ୍ଷୟ ଦାସ, ଶ୍ରଦ୍ଧା ଷଡଙ୍ଗୀ, ବାସୁଦେବ ସାହୁ, ସତ୍ୟାନନ୍ଦ ବେହେରା, କେ . ରବି, ସୁବ୍ରତ ମଲ୍ଲିକ, ନିତ୍ୟାନନ୍ଦ ବିଶ୍ୱାଳ, ପ୍ରଦୀପ ନାୟକଙ୍କ ସମେତ ବହୁ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ।

## ସୁଜିତ ସ୍ୱାଇଁ ଓ ପ୍ୟାନେଲ ବିଜୟୀ

**ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ନିର୍ବାଚନ**



ରାଉରକେଲା, ୨୯।୭(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୯ ଇସ୍ପାତ ସେଣ୍ଟ୍ରାଲ ମାର୍କେଟରେ ଶନିବାର ବଣିକ କଲ୍ୟାଣ ସଂଘ (ମାର୍କେଟ କମିଟି) ନିର୍ବାଚନ ସମ୍ପନ୍ନ ହୋଇଛି। ନିର୍ବାଚନରେ ଏଥର ସୁଜିତ ସ୍ୱାଇଁ ଓ ତାଙ୍କ ପ୍ୟାନେଲ ବିଜୟୀ ହୋଇଛନ୍ତି। ଉକ୍ତ ନିର୍ବାଚନରେ ମୋଟ ୭୨୨ ଖଣ୍ଡ ଭୋଟ ପଡ଼ିଥିବା ବେଳେ ବିଜୟୀ ପ୍ରାର୍ଥୀ ସୁଜିତ ସ୍ୱାଇଁ ୩୯୧ ଓ ପରାଜିତ ପ୍ରାର୍ଥୀ ଶଙ୍କର ଜେନା ୩୨୦ ଖଣ୍ଡ ଭୋଟ ପାଇଥିଲେ। ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ବିଜୟୀ ପ୍ରାର୍ଥୀ ସନ୍ତୋଷ ସ୍ୱାଇଁ ୩୯୫ ଖଣ୍ଡ ଓ ପରାଜିତ ପ୍ରାର୍ଥୀ ମୁରଲୀ ମିଶ୍ର ୩୧୯ ଖଣ୍ଡ ଭୋଟ ପାଇଥିଲେ। ଅନୁରୂପ ଭାବେ କୋଷାଧ୍ୟକ୍ଷ ପଦବୀ ପାଇଁ ଶ୍ୟାମସୁନ୍ଦର ସ୍ୱାଇଁ ୩୮୫ ଖଣ୍ଡ ଭୋଟ୍ ପାଇଁ ବିଜୟୀ ହୋଇଥିବା ବେଳେ ମୁରଲୀ ପାଣିଗ୍ରାହୀ ୩୨୪ ଭୋଟ ପାଇଛନ୍ତି। ନିର୍ବାଚନରେ ପର୍ଯ୍ୟବେକ୍ଷକ ଭାବେ ଆଇନଜୀବୀ ସୁରେଶ ମାଝୀ ଓ ବିଚିତ୍ର ଜେନା ଉପସ୍ଥିତ ଥିଲେ। ସଞ୍ଜୟ ଜୈନ, ସୁଶାନ୍ତ ସ୍ୱାଇଁ ଓ ନଳିନୀକାନ୍ତ ସାହୁ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ସକାଳ ୮ଟା ରୁ ଅପରାହ୍ନ ୪ଟା୧୫ ପର୍ଯ୍ୟନ୍ତ ଭୋଟଦାନ କରାଯାଇଥିଲା। ଦୁର୍ଗାମଣ୍ଡପଠାରେ ଚାଲିଥିବା ମତଦାନରେ ଶାନ୍ତିଶୃଙ୍ଖଳା ପାଇଁ ସେକ୍ଟର-୧୯ ଥାନା ପୋଲିସ ମୁତୟନ ହୋଇଥିଲା। ସନ୍ଧ୍ୟା ୬ଟାରୁ ଭୋଟଗଣତି ଆରମ୍ଭ ହୋଇଥିଲା। ୭ ରାଉଣ୍ଡରେ ଗଣନା ଶେଷ ହୋଇଥିଲା। ସୁଜିତ ଓ ତାଙ୍କ ପ୍ୟାନେଲ ବିଜୟୀ ଘୋଷଣା ହେବା ପରେ ସମର୍ଥକମାନେ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ।

## ମନ୍ଦିରରୁ ଚୋରି ଅଭିଯୋଗରେ ୩ ଅଟକ

ରାଉରକେଲା, ୨୯।୭(ସଙ୍ଗୀତା ଜେନା)

ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ମା' କାଳୀ ମନ୍ଦିରରୁ ଚୋରି ହୋଇଥିବା ସୂଚନା ମିଳିଛି। ମନ୍ଦିର ଦାନବାକ୍ସରୁ ଟଙ୍କା ସହ ମା'ଙ୍କ ଶୃଙ୍ଗାର ସାମଗ୍ରୀ ଚୋରି ହୋଇଥିବା ଜଣାପଡିଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

## ସାମାଜିକ ବାସ୍ତବତା ପ୍ରସ୍ଫୁଟିତ କରେ ନାଟକ

ରାଉରକେଲା,୨୯।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ ସ୍ଥିତ ମଧୁମଣ୍ଡପଠାରେ ଦି ବିଲିଭର୍ସ ନାଟ୍ୟାନୁଷ୍ଠାନର ୨୩ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏକତ୍ର ନାଟ୍ୟାନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ରାଜୀବ ପାଣିଙ୍କ ସଭାପତିତ୍ୱ କରିଥିଲେ। ଦି ବିଲିଭର୍ସର ସାଧାରଣ ସମ୍ପାଦକ ଗଜେନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଡା. ପୀତବାସ ମିଶ୍ର ମୁଖ୍ୟଅତିଥି, ଶିକ୍ଷାବିତ୍ ଶର୍ମିଷ୍ଠା ଶତପଥି ଏବଂ ନଳିନୀ ନିହାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ଦୁନିଆ ହେଉଛି ବାସ୍ତବରେ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ସଭିଏଁ ଜଣେ ଜଣେ କଳାକାର। ନାଟକ ଓ ନାଟ୍ୟକାର ଦୁନିଆରେ ଚାଲିଥିବା ଅସଲ ବାସ୍ତବତା ଓ ସତ୍ୟତାକୁ ସମାଜ ଆଗରେ ଉପସ୍ଥାପନ କରି ସାମାଜିକ ଚେତନା ସୃଷ୍ଟି କରିଥାଏ। ଏଣୁ ନାଟ୍ୟକାର ଓ ନାଟ୍ୟ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ନିହାତି ଆବଶ୍ୟକ ବୋଲି ମିଶ୍ର କହିଥିଲେ। ସେହିପରି ସମ୍ମାନୀତ ଅତିଥି ଶତପଥି ନାଟକ କ୍ଷେତ୍ରରେ ରାଉରକେଲାର ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ଅନ୍ୟତମ ଅତିଥି ନାୟକ ନାଟ୍ୟ କଳାକାରମାନଙ୍କୁ ନିଜ ଦୁର୍ବଳତା ବୁଝି ତାକୁ ସଜାଡି କାମ କଲେ ନିଶ୍ଚିତ ଭଲ ନାଟକ ସୃଷ୍ଟି ହେବ ବୋଲି କହିଥିଲେ। ଏହାପରେ ଆବାହକ ଗଜେନ୍ଦ୍ର ବେହେରା ଅନୁଷ୍ଠାନ ବିଷୟରେ ଏବଂ ଉପଦେଷ୍ଟା ଡାକ୍ତର କୃପାସିନ୍ଧୁ ନାୟକ ନାଟକର ବ୍ୟାପକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପ୍ରବୀର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦି ବିଲିଭର୍ସର ସଭାପତି ନରେନ୍ଦ୍ର ବେହେରା, କନକଲତା ଦାସଙ୍କ ସମେତ ବହୁ ନାଟ୍ୟପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ଏକତ୍ରର ସମ୍ପାଦକ ସୁଦେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ଟର୍ପେଡୋ, ଷ୍ଟିଲ୍ ଲାଇଫ୍‌ରେ ଆର୍‌ଏସ୍‌ପିର ଜାତୀୟ ରେକର୍ଡ

ରାଉରକେଲା,୨୯।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଟର୍ପେଡୋ ଏବଂ ଷ୍ଟିଲ ଲାଡେଲ ଲାଇଫରେ ନୂତନ ରେକର୍ଡ ସ୍ଥାପନ ହୋଇଛି। ଯାହାକି ଭାରତର ସମସ୍ତ ଇସ୍ପାତ କାରଖାନା ମଧ୍ୟରେ ସମବର୍ଗରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଅଟେ। ଆର୍‌ଏସ୍‌ପି ଗତ ୨୫ତାରିଖରେ ୨୬୬୯ ହିଟରେ ଏକ ନୂତନ ଟର୍ପେଡୋ ଲାଡେଲ ଲାଇଫ ରେକର୍ଡ ସୃଷ୍ଟି କରିଛି । ଏହି ରେକର୍ଡ ଗତ ଜାନୁୟାରୀ ମାସରେ ହାସଲ ହୋଇଥିବା ରେକର୍ଡକୁ ଅତିକ୍ରମ କରିଛି। ସେହିପରି କ୍ରମାଗତ କାଷ୍ଟିଂ ମେଶିନ-୧ର ଷ୍ଟିଲ ଲାଡେଲ-୯ରେ ମଧ୍ୟ ୧୨୫ ହିଟ୍ ଲାଇଫ ହାସଲ କରି ଅନ୍ୟତମ ରେକର୍ଡ ସୃଷ୍ଟି କରିଛି। ଯାହାକି ୫୦-୭୦ ଟନ୍ ଲାଡେଲ ଲାଇଫ କ୍ଷେତ୍ରରେ ଏକ ଜାତୀୟ ରେକର୍ଡ ଅଟେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ଜୁଲାଇ ୨୨ତାରିଖରେ ଶପ୍ ପରିଦର୍ଶନ କରି ଏହି ସଫଳତା ପାଇଁ ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ରିଫ୍ରାକ୍ଟୋରି ବିଭାଗୀୟ ସାମୂଦାୟିକଙ୍କୁ ଏକ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଓ-ସିସିଡି, ୟୁ ଏଣ୍ଡ ଆଇ ବିଭାଗର ସିଜିଏମ୍ ଇନଚାର୍ଜ ଆଇ. ରାଜନ, ସିଜିଏମ ଇନଚାର୍ଜ ଷ୍ଟିଲ ରାମକୃଷ୍ଣ ପାତ୍ର, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗ ସିଜିଏମ ଏମ୍. ଏନ୍. ଭି. ଏସ୍. ପ୍ରଭାକର, ସିଜିଏମ୍ ମେକାନିକାଲ ଆର୍. ଏନ୍. ରାଜେନ୍ଦ୍ରନ, ପାୱାର ଡିଷ୍ଟ୍ରିବ୍ୟୁଶନ ବିଭାଗ ସିଜିଏମ୍ ଦିଲୀପ କୁମାର ଭଞ୍ଜ, ରିଫ୍ରାକ୍ଟୋରି ବିଭାଗର ଜିଏମ ଇନଚାର୍ଜ ଏସ.ଏସ ପଣ୍ଡା ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ସାମୂହିକଙ୍କୁ ଏସ୍.ଆର ସୂର୍ଯ୍ୟବଂଶୀ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ସଚଳ ହେଲା ୱାଟର ଟ୍ୟାଙ୍କର

**ଧରିତ୍ରୀ ପ୍ରଭାବ**

ରାଉରକେଲା,୨୯।୭(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ୱାଟର ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ୱାଟର ଟ୍ୟାଙ୍କର ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡିଥିବା ନେଇ ଗତ ୨୨ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଆର୍‌ଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ ଶୁକ୍ରବାର ଘଟଣାର ଅନୁଧ୍ୟାନ କରିବା ପାଇଁ ଆରଜିଏଚ୍‌ର ବିଭିନ୍ନ ୱାର୍ଡରେ ଲାଗିଥିବା ୱାଟର ଟ୍ୟାଙ୍କର ବୁଲି ଦେଖିଥିଲେ। ପରେ ଅଚଳ ସମସ୍ତ ୱାଟର ଟ୍ୟାଙ୍କର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସବୁ ୱାଟର ଟ୍ୟାଙ୍କର ମରାମତି କରାଯାଇଥିଲା। ବର୍ତ୍ତମାନ ଆରଜିଏଚ୍ ପରିସରରେ ଥିବା ୱାଟର ଟ୍ୟାଙ୍କର ଗୁଡିକରୁ ପାଣି ବାହାରୁଥିବା ଦେଖିବାକୁ ମିଳିଛି।

## ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ

ରାଉରକେଲା,୨୯।୭(ଦିନେଶ ମିଶ୍ର)

ଯାଜ୍ଞେଶ୍ୱର ମହାପାତ୍ର ମେମୋରିଆଲ ବ୍ଲଡ ଡୋନେସନ୍ କ୍ୟାମ୍ପ ଶୁକ୍ରବାର ରାଉରକେଲା ହାଇଟେକ୍ ମେଡିକାଲ ପରିସରରେ ଅନୁଷ୍ଠିତ ହୋଇଛି। ଡ୍ରିମ୍ ଟିମ୍ ଫାଉଣ୍ଡେଶନ ଓ ବେଦବ୍ୟାସସ୍ଥିତ କୋଶଲା ହୋଣ୍ଡାଇ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୩୦ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କୋଶଲା ହୋଣ୍ଡାଇର ନିର୍ଦ୍ଦେଶିକା ଡ. ପଦ୍ମିନୀ ପାଣିଗ୍ରାହୀଙ୍କ ସମେତ ହାଇଟେକ୍ ମେଡିକାଲ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିବର୍ଷ ଏଭଳି ରକ୍ତଦାନ ଶିବିର କରି ଗରିବ ଲୋକଙ୍କୁ ରକ୍ତ ପ୍ରଦାନ କରିବାରେ ଉଭୟ ସଙ୍ଗଠନ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ନିର୍ଦ୍ଦେଶିକା ପାଣିଗ୍ରାହୀ ସୂଚନା ଦେଇଥିଲେ।



ଶିବିରରେ ରକ୍ତଦାନ କରାଯାଉଛି।

## ମହିଳା ସୁରକ୍ଷା ନେଇ ରାଜ୍ୟସ୍ତରୀୟ କର୍ମଶାଳା

ରାଉରକେଲା,୨୯।୭(ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ଓଡିଶା ରାଜ୍ୟ କମିଟି ତରଫରୁ ଶନିବାର ରାଉରକେଲା ଭଞ୍ଜଭବନ ସ୍ଥିତ ଆଦର୍ଶ ପାଠାଗାରରେ ରାଜ୍ୟସ୍ତରୀୟ ମହିଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ଓଡିଶାର ସାଧାରଣ ସମ୍ପାଦକ ପରିଚୟ ଧାବଳେ ଯୋଗଦେଇ କହିଲେ, ଭାଜପାର ଦୀର୍ଘ ୯ବର୍ଷ କାର୍ଯ୍ୟକାଳରେ ଦେଶର ମହିଳାଙ୍କ ସୁରକ୍ଷା ଓ ଅଧିକାର ଉପରେ ବୁଲଡୋଜର ଗଡାଇ ଦିଆଯାଇଛି। ଖାଦ୍ୟ ସୁରକ୍ଷା ଆଇନକୁ ବନ୍ଦ କରିଦେବା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅର୍ଥ ବରାଦକୁ କ୍ରମାଗତ ଭାବେ କମ୍ କରିବା, କରୋନା ସମୟରେ ସରକାରଙ୍କ ଅପାରଗତା ଯୋଗୁ ମହିଳାଙ୍କ ଉପରେ କୁପ୍ରଭାବ ପଡିଥିବା ସେ ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ, ମୋଦି ସରକାରରେ ଦେଶର ମହିଳାମାନେ ସବୁଠାରୁ ବେଶୀ ଅସୁରକ୍ଷିତ। କାଠୁଆ, ଉନ୍ନାଓ, କୁସ୍ତି ଯୋଦ୍ଧାଙ୍କଠାରୁ ମଣିପୁର ଘଟଣା ଏହାର ନଗ୍ନ ଉଦାହରଣ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସରକାରୀ ଋଣ ଯୋଗାଇ ନ ଦେଇ ସେମାନଙ୍କୁ ମାଇକ୍ରୋ ଫାଇନାନ୍ସ ହାତରେ ଛାଡି ଦିଆଯାଇଛି। ଏଥିଯୋଗୁ କୋଟି କୋଟି ମହିଳା ଋଣଯନ୍ତାରେ ପଡିବା ସହିତ ଆତ୍ମହତ୍ୟା କରିବାରେ ଲାଗିଛନ୍ତି। ନିକଟରେ ପୁରୀ ଜିଲା କଣାସରେ ଦୁଇଜଣଙ୍କ ଆତ୍ମହତ୍ୟା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ବୋଲି ଦର୍ଶାଇବା ସହିତ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ସମ୍ପୂର୍ଣ୍ଣ ଭାବେ ମହିଳା ବିରୋଧୀ। ଏହି ସରକାରକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଘରେ ଘରେ ମହିଳାମାନେ ଅଣ୍ଟା ଭିଡିବାକୁ ଧାବଳେ ମହିଳା ନେତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସଙ୍ଗଠନର ରାଜ୍ୟ ସଭାନେତ୍ରୀ ସୁଶୀଳା ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସର୍ବଭାରତୀୟ ସଭାନେତ୍ରୀ ପି. କେ. ଶ୍ରୀମଥି, କୋଷାଧକ୍ଷ ଏସ. ପୁଷ୍ପାବତୀ, ସମ୍ପାଦିକା ତାପସୀ ପ୍ରହରାଜ, ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ରାଜ୍ୟ କୋଷାଧକ୍ଷା ମିନତୀ ପାଣିଗ୍ରାହୀଙ୍କ ସମେତ ଜିଲାର ଶତାଧିକ ମହିଳା ସଭାନେତ୍ରୀ ଯୋଗ ଦେଇଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

## କପଲିଂ ଭାଙ୍ଗିବାରୁ ମାଲଗାଡ଼ି ଅଟକିଲା

ରାଉରକେଲା, ୨୯।୭(ସଙ୍ଗୀତା ଜେନା)

ବାସନ୍ତୀ କଲୋନୀ ଓଭରବ୍ରିଜ ତଳେ ଏକ ମାଲବାହୀ ଟ୍ରେନ୍‌ର କପଲିଂ ଭାଙ୍ଗିଯିବାରୁ ଶନିବାର ସନ୍ଧ୍ୟାରେ ଇଞ୍ଜିନରୁ ଡବା ଅଲଗା ହୋଇଯାଇଥିଲା। ଫଳରେ ସେଠାରେ ଦୀର୍ଘସମୟ ଧରି ଟ୍ରେନ ଛିଡ଼ା ହୋଇରହିଥିଲା। ଘଟଣାସ୍ଥଳରେ ଟେକ୍‌ନିକାଲ ଟିମ୍ ପହଞ୍ଚି ମରାମତି କରିଥିଲେ। ତେବେ ସେଠାରେ ଏକ ଶୋଭାଯାତ୍ରା ଯୋଗୁ ମରାମତି କାର୍ଯ୍ୟ ବିଳମ୍ବ ହୋଇଥିବା ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସ କହିଛନ୍ତି।

## ଶାନ୍ତିଶୃଙ୍ଖଳାର ସହ ମହରମ ପାଳିତ

ରାଉରକେଲା, ୨୯।୭(ସଙ୍ଗୀତା ଜେନା)

ରାଉରକେଲା ମେନ୍ ରୋଡ ସମେତ ବିଭିନ୍ନ ଅଞ୍ଚଳରେ ଶନିବାର ମହରମ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି। ଏହି ଅବସରରେ ମାଲଗୋଦାମ, ନାଲାରୋଡ ଆଦି ଅଞ୍ଚଳରେ ୬ଟି କମିଟି ଦ୍ୱାରା ଶୋଭାଯାତ୍ରା ହୋଇଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଏସପି ମିତ୍ରଭାନୁ ମହାପାତ୍ରଙ୍କ ନେତୃତ୍ୱରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ସେବା କାର୍ଯ୍ୟ କରାଯାଇଥିଲା।

## ୧୦୫ ଉଠାଦୋକାନୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱନିଧି ଋଣ

ରାଉରକେଲା,୨୯।୭(ବିପ୍ଳବ ରଞ୍ଜନ ଦାଶ)

ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର ନିଧି(ପିଏମ୍ ସ୍ୱନିଧି) ଯୋଜନା ଅଧୀନରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ରାଉରକେଲା ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଷ୍ଟ୍ରିଟ ଭେଣ୍ଡରମାନଙ୍କ ପାଇଁ ଶନିବାର ଏକ ଋଣ ମେଳା ଉଦିତନଗର ସ୍ଥିତ ମହାନଗର ସଭାଗୃହରେ ଅନୁଷ୍ଠିତ ହୋଇଛି । ମେଳାରେ ୨୫୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ ଭେଣ୍ଡର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଏଡିଏମ୍ ତଥା ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ଅସିମ୍ କୁମାର ଘୋଷ ଯୋଗଦେଇ ରାଉରକେଲା ସହରରେ ତାଲିକାଭୁକ୍ତ ହୋଇଥିବା ସମସ୍ତ ଷ୍ଟ୍ରିଟ ଭେଣ୍ଡର କିଭଳି ଏହି ଯୋଜନାରେ ଲାଭ ପାଇପାରିବେ ସେ ନେଇ ଅବଗତ କରିଥିଲେ। ଠିକ୍ ସମୟରେ ଋଣ ପରିଶୋଧ କରୁଥିବା ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ବୋଲି ମହାପାତ୍ର ଘୋଷଣା କରିଥିଲେ। ମହାନଗର ନିଗମର ସିଟି ମିଶନ୍ ମ୍ୟାନେଜର ସନ୍ତୋଷ କୁମାର ଭୂୟାଁ, ସମସ୍ତ ଗୋଷ୍ଠୀ ସଙ୍ଗଠିକା ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସମସ୍ତ ଶାଖାର ପରିଚାଳକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳାରେ ୧୦୫ ଜଣ ଷ୍ଟ୍ରିଟ ଭେଣ୍ଡରଙ୍କୁ ଋଣ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଥିଲା। ଏହାସ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ ଭେଣ୍ଡରଙ୍କୁ ଋଣ ପ୍ରଦାନ ପାଇଁ କାଗଜପତ୍ର କରାଯାଇଥିଲା।




ଜଣେ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଉଛି।

## ଆଥ୍‌ଲେଟିକ୍ ମିଟ୍‌ରେ ୮ ଜୋନ୍‌ର ଖେଳାଳି

ରାଉରକେଲା,୨୯।୭(ସଙ୍ଗୀତା ଜେନା)

ରାଉରକେଲା ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡ଼ିୟମରେ ଆଇଏସ୍‌ସିଇ ଆଞ୍ଚଳିକ (ସିଆଇଏସ୍‌ସିଇ) ପକ୍ଷରୁ ଶନିବାର ଆଥଲେଟିକ ମିଟ୍ ଉଦ୍‌ଘାଟିତ ହୋଇଛି। ରାଉରକେଲା, ସୁନ୍ଦରଗଡ଼ ସମେତ ରାଜ୍ୟର ୮ଟି ଜୋନ୍‌ରୁ ପ୍ରାୟ ୬ ଶହ ପ୍ରତିଯୋଗୀ ଏଥିରେ ଅଂଶଗହଣ କରିଛନ୍ତି। ପ୍ରତିଯୋଗିତାରେ ଦୌଡ଼, ୱାକ୍, ଲଙ୍ଗ୍ ଜମ୍ପ, ହାଇ ଜମ୍ପ, ଟ୍ରିପଲ ଜମ୍ପ, ସର୍ଟ ପୁଟ, ଡିସ୍‌କସ୍ ଥ୍ରୋ, ଜାଭଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ୧୪ବର୍ଷରୁ କମ, ୧୬ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ଆୟୋଜିତ ହେଉଛି। ଶନିବାର ପୂର୍ବାହ୍ନରେ ଆରମ୍ଭ ହୋଇଥିବା ଉକ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କ୍ରୀଡ଼ାବିତ୍ ମନୋଭାବ ନେଇ ଖେଳିଲେ ଜୀବନରେ ସଫଳତା ମିଳିବାକୁ କେହି ରୋକିପାରିବେ ନାହିଁ। ଶିକ୍ଷା ଓ ପେଶାରେ ଏହି ମନୋଭାବ ଥିଲେ ସବୁ ସମ୍ଭବ ହୋଇପାରିବ ବୋଲି ଏସ୍‌ପି ମହାପାତ୍ର କହିଥିଲେ। କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରି ଉଦ୍ଘାଟନ ଘୋଷଣା କରିଥିଲେ ଏସ୍‌ପି ମହାପାତ୍ର। ଜାତୀୟ ସମ୍ପାଦକ ଏଏସ୍‌ଆଇଏସ୍ ତଥା ରାଉରକେଲା ସେଣ୍ଟ ପଲ୍ସ ସ୍କୁଲର ଅଧ୍ୟକ୍ଷ ଏସ୍. ଯୋଶେଫ୍, ଆଞ୍ଚଳିକ କ୍ରୀଡ଼ା ସଂଯୋଜିକା(ଓଡ଼ିଶା) ପି. ସେଲଭି, ରାଉରକେଲା ଜୋନ୍ କ୍ରୀଡ଼ା ସଂଯୋଜିକା ଜୟସଲି ଏସି, ଏମ୍‌ଜିଏମ୍ ସ୍କୁଲ ଅଧ୍ୟକ୍ଷ ଯୋଶ ଭର୍ଗିସ୍, ସେକ୍ଟର-୨ ଡିସୌଜା ମଦର ସ୍କୁଲର ଅଧ୍ୟକ୍ଷ ଆଲେକଜାଣ୍ଡାର ଡିସୌଜାଙ୍କ ସମେତ ସ୍ଥାନୀୟ ତଥା ଅନ୍ୟ ଅଞ୍ଚଳରୁ ଆସିଥିବା ସ୍କୁଲ ଅଧ୍ୟକ୍ଷ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ୧୫ଶହ ମିଟର ଦୌଡ଼ ପ୍ରତିଯୋଗିତାର ମିଟ୍ ଶୁଭାରମ୍ଭ ହୋଇଥିଲା। ରବିବାର ଏହାର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଦୌଡ଼କୁଦ ପ୍ରତିଯୋଗିତା କରାଯାଇଥିବା ସୂଚନା ମିଳିଛି। ରାଉରକେଲାର ଇସ୍ପାତ ଇଂରାଜୀ ସ୍କୁଲ ଡିସୌଜା ମଦର ସ୍କୁଲ ସମେତ ୨୦ରୁ ଊର୍ଦ୍ଧ୍ୱ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଉକ୍ତ ମିଟ୍‌କୁ ଜଲଦା କାରମେଲ ସ୍କୁଲ, ହମିରପୁର ସ୍ଥିତ ସେଣ୍ଟ ପଲ୍ସ ସ୍କୁଲ, ସେଣ୍ଟ ଯୋଶେଫ୍ ସ୍କୁଲ ଆୟୋଜନ କରିଛନ୍ତି।



ଉଦ୍‌ଘାଟନ ଅବସରରେ ପଡିଆରେ ଉପସ୍ଥିତ ଖେଳାଳିଗଣ।

# ସରକାରୀରେ ୩୫୦, ବେସରକାରୀରେ ହଜାର ହଜାର

## କଳାହାଣ୍ଡିରେ ଦାଦନ ଶ୍ରମିକଙ୍କ ସମସ୍ୟା

ଭବାନୀପାଟଣା,୨୯।୭
(ଉତ୍ତମ କୁମାର ଦଶ)

କଳାହାଣ୍ଡି ଜିଲାରୁ ପ୍ରତିବର୍ଷ ହଜାର ହଜାର ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଚଳିତବର୍ଷ ଜିଲାରେ ମରୁଡ଼ି ଆଶଙ୍କା ଲାଗି ରହିଥିବାରୁ ଏଥର ଅଧିକ ଶ୍ରମିକ ଦାଦନମୁହାଁ ହେବେ ବୋଲି ଅନୁମାନ କରାଯାଉଛି। ପ୍ରାୟତଃ ନୂଆଁଖାଇ ପରେ ଶ୍ରମିକମାନେ ରାଜ୍ୟ ବାହାରକୁ ଯାଉଥିବାବେଳେ ଏଥର ଯଥେଷ୍ଟ ପୂର୍ବରୁ ଯିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଶ୍ରମ ବିଭାଗ ପାଖରେ ଦାଦନ ଶ୍ରମିକଙ୍କ ତଥ୍ୟ ନ ଥିବାବେଳେ ଦାଦନ ରୋକିବା ଦିଗରେ ଆନ୍ତରିକତା ପ୍ରକାଶ ପାଉ ନ ଥିବା ଅଭିଯୋଗ ହୋଇଛି। ବିନା ପଞ୍ଜୀକରଣରେ ଶ୍ରମିକମାନେ ରାଜ୍ୟ ବାହାରକୁ ଯାଉଥିବାରୁ କୌଣସି ଅଘଟଣ ଘଟିଲେ ସରକାରୀ ସହାୟତା ମିଳିବା ନେଇ ଅନିଶ୍ଚିତତା ଦେଖାଦେଉଛି।

ପ୍ରକାଶ ଯେ, ପ୍ରତିବର୍ଷ ନୂଆଁଖାଇ ପୂର୍ବରୁ ଶ୍ରମିକମାନେ କମ୍ପାନୀ ମାଲିକଙ୍କଠାରୁ ଅଗ୍ରିମ ଟଙ୍କା ଆଣି ରୋଜଗାର ପାଇଁ ରାଜ୍ୟ ବାହାରକୁ ଯିବାକୁ ବାଧ ହେଉଛନ୍ତି। ଗତ କରୋନା ସମୟରେ ଭିଟାମାଟିକୁ ଫେରିଥିବା ଶ୍ରମିକମାନେ ଜିଲାରେ କାମ ଧନ୍ଦା ନ ପାଇ ପୁଣି ଦାଦନମୁହାଁ ହୋଇଥିଲେ। ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବିଳମ୍ବରେ ପ୍ରାପ୍ୟ ପାଉଥିବା ଯୋଗୁ ଶ୍ରମିକମାନେ ଏହି କାର୍ଯ୍ୟ ପାଇଁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। ଅଧିକ ରୋଜଗାର ଆଶାରେ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ ଅନେକ ସମୟରେ ନିର୍ଯାତନାର ଶିକାର ହେବା ସହ ଏପରିକି ମୃତ୍ୟୁର ଶିକାର ମଧ୍ୟ ହେଉଛନ୍ତି। ନିର୍ମାଣ ଶ୍ରମିକମାନେ ପଞ୍ଜୀକରଣ ପାଇଁ ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଗଲେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ବର୍ଷ ବର୍ଷ ଧରି ଏଭଳି ଚାଲିଥିବାରୁ ଦାଦନ ଚାଲାଣକୁ ରୋକିବାରେ ଜିଲା ପ୍ରଶାସନ ବିଫଳ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ଶ୍ରମିକ ରାଶନ କାର୍ଡକୁ ମଧ୍ୟ ବନ୍ଧା ପକାଇ ଦାଦନ ଖଟିବାକୁ ଯାଉଥିବା ଦେଖାଯାଉଛି। ସରକାରୀ ତଥ୍ୟ ଅନୁସାରେ, କଳାହାଣ୍ଡି ଜିଲାରେ ୨୦୨୩-୨୪ ସୁଦ୍ଧା ୪୯୨୮୬୫ଟି ମନରେଗା ଜବକାର୍ଡଧାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୦୨୨-୨୩ ମସିହାରେ ୨୧ ହଜାର ୭୪୦୮ଟି କାର୍ଡରେ ଓ ୨୦୨୩-୨୪ମସିହାରେ ୨,୧୯,୨୫୦ ଜବକାର୍ଡରେ କାମ ହୋଇଛି। ଯୋଜନାରେ ବାଟମାରଣା ଯୋଗୁଁ ଠିକାଦାର ମାଲାମାଲ ହେଉଥିବା ବେଳେ ପ୍ରକୃତ ଶ୍ରମିକ ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳଙ୍କୁ ପଚାରିବାରୁ ସେ କହିଲେ, ଜିଲାରେ ୩୫୦ରୁ ଅଧିକ ଦାଦନ ପଞ୍ଜୀକରଣ ହୋଇ ରାଜ୍ୟ ବାହାରକୁ କାମ କରିବାକୁ ଯାଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ୧୨ ଜଣ ଦାଦନ ଶ୍ରମିକଙ୍କ ରାଜ୍ୟ ବାହାରେ ମୃତ୍ୟୁ ହୋଇଛି। କିନ୍ତୁ ବହୁ ଶ୍ରମିକ ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ କାମ ପାଇଁ ଯାଉଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଏସ୍‌ଓଜିଙ୍କ କୁମ୍ବିଂବେଳେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣ

ଭବାନୀପାଟଣା,୨୯।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡିରେ ନକ୍ସଲଙ୍କ ଆଇଡି ବିସ୍ଫୋରଣ। ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ନକ୍ସଲ ପ୍ରଭାବିତ ଯୁଗସାଇପାଟଣା ପଞ୍ଚାୟତ ମୁଣ୍ଡଗୁଡାରେ ଶନିବାର ସନ୍ଧ୍ୟାରେ ଏସ୍‌ଓଜିଙ୍କ କୁମ୍ବିଂ ଚାଲିଥିବାବେଳେ ନକ୍ସଲମାନେ ଆଇଇଡି ବିସ୍ଫୋରଣ କରିଥିବା ଜଣାପଡିଛି। ତେବେ ଏହି ବିସ୍ଫୋରଣରେ କୌଣସି ପୋଲିସ କର୍ମୀ(ଏସଓଜି)ଙ୍କ କ୍ଷତି ହୋଇ ନ ଥିବା ସୂଚନା ଦେଇଛନ୍ତି କଳାହାଣ୍ଡି ଏସ୍‌ପି ଅଭିଲାସ ଜି। ଅନ୍ୟପକ୍ଷରେ,ଏହି ଘଟଣାରେ ପରେ ଅଞ୍ଚଳରେ କୁମ୍ବିଂକୁ ଜୋରଦାର କରାଯାଇଥିବା ଜଣାପଡିଛି। କୁମ୍ବିଂ ଯୋଗୁ ନକ୍ସଲମାନେ ଛତ୍ରଭଙ୍ଗ ଦେଇ ପଳାଇଯାଇଛନ୍ତି।

### ପର୍ଶୁରାମ ଛକରେ ବିଜୁ ପ୍ରତିମୂର୍ତ୍ତି ସ୍ଥାପନକୁ ନିନ୍ଦା ଆନ୍ଦୋଳନ ଚେତାବନୀ

ବଲାଙ୍ଗୀର,୨୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଆମଲା ଭବନଠାରେ ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପାଟଣାଗଡ ପର୍ଶୁରାମ ଛକରେ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ବଦଳରେ ବିଜୁବାବୁଙ୍କ ପ୍ରତିମା ସ୍ଥାପନକୁ ନେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହି ବୈଠକରେ ଆଗାମୀ କାର୍ଯ୍ୟକ୍ରମ ବିଷୟ ଆଲୋଚନା କରାଯାଇଥିଲା ବୈଠକରେ ବିଭିନ୍ନ ସାମାଜିକ ସଙ୍ଗଠନ, କଂଗ୍ରେସ ଏବଂ ଭାଜପା ଦଳର ଜିଲା ନେତୃବୃନ୍ଦ ଏବଂ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ପାଟଣାଗଡର ଜନସାଧାରଣଙ୍କ ନାର୍ଯ୍ୟ ଦାବିକୁ ସମ୍ପୂର୍ଣ୍ଣ ସମର୍ଥନ ଘୋଷଣା କରାଯାଇଥିଲା। ଯଥାଶୀଘ୍ର ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ପର୍ଶୁରାମ ଛକରେ ସ୍ଥାପନ କରା ନ ଗଲେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସୋମବାର ସାମ୍ବାଦିକ ଭବନ ଠାରେ ପୂର୍ବାହ୍ନ ୧୧ଟାରେ ବଲାଙ୍ଗୀରର ସବୁ ସାମାଜିକ ତଥା ରାଜନୈତିକ ସଙ୍ଗଠନର ନେତୃବୃନ୍ଦଙ୍କ ସହ ପାଟଣାଗଡ, କଣ୍ଟାବାଞ୍ଜି, ଟିଟିଲାଗଡ଼ ଏବଂ ବଲାଙ୍ଗୀରର ସବୁ ବ୍ଲକର ନେତୃବୃନ୍ଦ ଉପସ୍ଥିତ ହୋଇ ଅଗାମୀ ଆନ୍ଦୋଳନମ୍ନକ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଲୋପନ ମିଶ୍ର, ଭାଜପାର ଦିନେଶ ଶର୍ମା, ପୀତାମ୍ବର ଖମାରୀ, ରଞ୍ଜିତା ପାଣିଗ୍ରାହୀ, ରଶ୍ମିରେଖା ଦାନୀ, ବନଶ୍ରୀ ଆଚାର୍ଯ୍ୟ, ସରିତା ଯୋଶୀ, କର୍ତ୍ତବ୍ୟ ଫାଉଣ୍ଡେସନ ସଭାପତି କାହ୍ନା ଶତପଥୀ, ବ୍ରାହ୍ମଣ ସମାଜ ଗୋପବନ୍ଧୁ ପୁରୋହିତ, ଧନଞ୍ଜୟ ମିଶ୍ର, ଗିରିଧାରୀ ଶତପଥୀ, ମଦନମୋହନ ରଥ, ସଂକୀର୍ତ୍ତନ ତ୍ରିପାଠୀ, ବଜରଙ୍ଗ ଦଳର ରାଜେଶ ପ୍ରଧାନ, ଅମିର ତ୍ରିପାଠୀ, ବିନୀତ ମିଶ୍ର, ପୂର୍ବତନ ସୈନିକ ସଂଘ ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ। ମୁନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମସ୍ୱାମୀ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ


ବିଧାୟକ ନରସିଂହ ମିଶ୍ର ମାଲପଡା ଶ୍ରୀ ରାମସ୍ୱାମୀ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶିଳନ୍ୟାସ କରୁଛନ୍ତି।

ବଲାଙ୍ଗୀର,୨୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ୱାର୍ଡ ନମ୍ବର ୧୫ ମାଲପଡା ସ୍ଥିତ ଶ୍ରୀ ରାମସ୍ୱାମୀ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ଶନିବାର କରିଛନ୍ତି ବିଧାୟକ ନରସିଂହ ମିଶ୍ର। ବିଧାୟକ ପାଣ୍ଠିରୁ ପ୍ରଦତ୍ତ ୫ଲକ୍ଷ ଟଙ୍କା ଅନୁଦାନ ରାଶିରେ ଏହି ମନ୍ଦିରର ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ବହୁ ପୁରାତନ ଏହି ମନ୍ଦିର ଜାରାଜୀର୍ଣ୍ଣ ହୋଇପଡିଥିଲା। ଭକ୍ତମାନେ ପୂଜାର୍ଚ୍ଚନା କରିବା ପାଇଁ ଅସୁରକ୍ଷିତ ମଣୁଥିଲେ। ମାଲପଡାର ଜନସାଧାରଣ ବିଧାୟକ ମିଶ୍ରଙ୍କୁ ଏହାର ପୁନରୁଦ୍ଧାର ପାଇଁ ଅନୁଦାନ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଶିଳାନ୍ୟାସ ପରବର୍ତ୍ତୀ ସଭାରେ ବିଧାୟକ ମିଶ୍ର କହିଥିଲେ ଶାନ୍ତି ଏକତା ମାଧ୍ୟମରେ ହିଁ ଆମକୁ ବିକାଶର ରାସ୍ତା ମିଳିଥାଏ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର କାର୍ଯ୍ୟକର୍ତ୍ତା ଗୋକୁଳ କରନ, ବସୁ ନାଗ, ଲୁଟୁ ପଣ୍ଡା, ଶିଶିର ଶତପଥୀ, ଉମାଶଙ୍କର ପଣ୍ଡା ମଞ୍ଚାସୀନ ଥିଲେ। ବୁଲୁ ଦାନୀ, ମନୀଷ ମିଶ୍ର, ବିକ୍ରମ ପାତ୍ର, ପବିତ୍ର ବେହେରା, ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ଜୟରାନାରାୟଣ ବହିଦାର, ନାସିର ଖାନ, ସୌମ୍ୟଦୀପ ସରାଫ, ଚନ୍ଦନ ମିଶ୍ର, ସନ୍ତୋଷ ମିଶ୍ରଙ୍କ ସମେତ ଅନେକ ମହିଳା, ପୁରୁଷ ଉପସ୍ଥିତ ଥିଲେ।

# ବିଷାକ୍ତ ଛତୁ ଖାଇ ୬ ଅସୁସ୍ଥ

ଟିଟିଲାଗଡ଼, ୨୯।୭(ଶରତ ମିଶ୍ର )

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ଟିଟିଡୁଙ୍ଗରି ପଡାର ୬ଜଣ ବାଳିକା ବାଳକ ଶନିବାର ବିଷାକ୍ତ ଛତୁ ଖାଇ ଅସୁସ୍ଥ ହୋଇଛନ୍ତି। ଛତୁ ଖାଇବା ପରେ ପିଲାମାନଙ୍କର ଝାଡା ଓ ବାନ୍ତି ହୋଇଥିଲା। ପରିବାର ଲୋକେ ସେମାନଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ୫ଜଣ ଶିଶୁ ବିପଦମୁକ୍ତ ଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଅଭିଭାବକଙ୍କ ସୂଚନାକ୍ରମେ ମଧ୍ୟାହ୍ନରେ ୧୦ରୁ ୧୨ବର୍ଷର ୨ଜଣ ବାଳିକା ନିଜ ବାଡି ପାଳଗଦାରେ ହୋଇଥିବା ଛତୁ ତୋଳିଥିଲେ। ଘରେ କାହାକୁ କିଛି ନ କହି ସେମାନେ ଏହି ଛତୁକୁ ବାଡିରେ ରାନ୍ଧିଥିଲେ। ପରେ ତାହାକୁ ନିଜେ ଖାଇବା ସହ ଅନ୍ୟ ୪ଜଣ ପିଲାଙ୍କୁ ଖାଇବାକୁ ଦେଇଥିଲେ। ଖାଇବାର କିଛି ସମୟ ପରେ ସେମାନେ ଅସୁସ୍ଥ ହୋଇ ପଡିଥିଲେ। ବାନ୍ତି ଓ ପରେ ସମସ୍ତଙ୍କର ଝାଡା ହେବା ପରେ ପ୍ରକୃତ ଘଟଣା ଜଣାପଡିଥିଲା।

# ୭୬୮ ମନ୍ଦିର, ୧୬ ମଠକୁ ଉପେକ୍ଷା

**୧ ହଜାର କୋଟି ଅନୁଦାନ ଦାବି କଲେ ଲୋଇସିଂହା ବିଧାୟକ**

- ୧୨ ବର୍ଷରେ ମିଳିଛି ୨୦ ଲକ୍ଷ ୫୫ ହଜାର ଅନୁଦାନ
- ସରକାରୀ ତଥ୍ୟରେ ଆଞ୍ଚଳିକ ବୈଷମ୍ୟର ଚିତ୍ର
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କଲେ ସ୍ୱତନ୍ତ୍ର ଅନୁଦାନ

ବଲାଙ୍ଗୀର,୨୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ମନ୍ଦିର ଓ ମଠ ଭଳି ଆଧ୍ୟାତ୍ମିକସ୍ଥଳୀ, ସାଂସ୍କୃତିକ ଅନୁଷ୍ଠାନକୁ ରାଜ୍ୟ ସରକାର କିଭଳି ଦୀର୍ଘ ଉପେକ୍ଷା ଓ ଅବହେଳା କରିଛନ୍ତି ତାର ଏକ ତୁଳନାତ୍ମକ ଚିତ୍ର ଦେଇଛନ୍ତି ଲୋଇସିଂହ ବିଧାୟକ ଡ. ମୁକେଶ ମହାଲିଙ୍ଗ। ଉପରୋକ୍ତ ମନ୍ଦିର ଓ ମଠର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ଓ ଭିତ୍ତିଭୂମି ଉନ୍ନତି ପାଇଁ ୧ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଚିଠି ଲେଖି ଦାବି ଜଣାଇଛନ୍ତି।

ବିଧାନସଭା ଅଣତାରକା ପ୍ରଶ୍ନର ଉତ୍ତର ସଂଲଗ୍ନ କରି ସେ ଜଣାଇଛନ୍ତି ଯେ, ୨୦୧୦-୧୧ରୁ ୨୦୨୧-୨୦୨୨ ମସିହା ପ୍ରାୟ ୧୨ବର୍ଷ ଅବଧି ଭିତରେ ବଲାଙ୍ଗୀର ଜିଲାର ୭୬୮ଟି ମନ୍ଦିର ଏବଂ ୧୬ଟି ମଠକୁ ମାତ୍ର ୨୦ ଲକ୍ଷ ୫୫ ହଜାର ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ଏତିକି ଟଙ୍କାର ଅନୁଦାନରେ ଏତେଗୁଡିଏ ମନ୍ଦିରର କିଭଳି ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟ କରାଯାଇପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ୨୦୧୦ ମସିହାରୁ ୭ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ବ୍ଲକ୍‌ୱାରି, ମନ୍ଦିରୱାରି ଓ ମଠୱାରି ସରକାର ଦେଇଥିବା ଅନୁଦାନର ସବିଶେଷ ଅନୁଦାନ ତଥ୍ୟ ସରକାରଙ୍କ ପାଖରେ ନାହିଁ। ଦୀର୍ଘ ୨୩ ବର୍ଷ ଧରି ରାଜ୍ୟକୁ ଶାସନ କରୁଥିବା ସରକାର ରାଜ୍ୟର ବିଭିନ୍ନ ଜିଲାର କେତୋଟି ନିର୍ଦ୍ଦିଷ୍ଟ ମନ୍ଦିର ଉପରେ ସ୍ୱତନ୍ତ୍ର ଦୃଷ୍ଟି କେନ୍ଦ୍ରିତ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବଲାଙ୍ଗୀର ଜିଲାର ୭୬୮ ଟି ମନ୍ଦିର ଓ ମଠକୁ ମାତ୍ର ୨୦ ଲକ୍ଷ ୫୫ ହଜାର ଟଙ୍କାର ଅନୁଦାନ ଯୋଗାଇବା ଆଞ୍ଚଳିକ ବୈଷମ୍ୟର ଜ୍ୱଳନ୍ତ ଉଦାହରଣ ବୋଲି କହିଛନ୍ତି। ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ସମେତ ଅନ୍ୟ ମନ୍ଦିରକୁ କ'ଣ ଅନୁଦାନ ଦେଇଛନ୍ତି ତାର ହିସାବ ଦେଇପାରିନାହାନ୍ତି। ସମଲେଶ୍ୱରୀ ମନ୍ଦିର ମୁଖଶାଳା ୨୦୨୧ ମସିହାରୁ ଭାଙ୍ଗି ଯାଇଥିଲେ ମଧ୍ୟ ଅସ୍ଥାୟୀ ଭାବେ ମରାମତି କରାଯାଇ ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ମରାମତି କରାଯାଇନାହିଁ କି ନୂଆ ମୁଖଶାଳା ନିର୍ମାଣ କରାଯାଇନାହିଁ। ତେବେ ବଲାଙ୍ଗୀର ଜିଲାର ମନ୍ଦିର, ମଠ ଏବଂ ସାଂସ୍କୃତିକ ଅନୁଷ୍ଠାନ ଗୁଡିକର ଭିତ୍ତିଭୂମି ସୁଦୃଢ଼ କରିବା ସହ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବଲାଙ୍ଗୀର ଜିଲାକୁ ସ୍ୱତନ୍ତ୍ର ଭାବେ ୧ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇବାକୁ ବିଧାୟକ ମହାଲିଙ୍ଗ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି।


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ଭୁବନେଶ୍ୱର


@ ପ୍ରଶାନ୍ତ


@ ସଞ୍ଜୟ


@ ନୂତନ


@ ପ୍ରେମାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ସଦର ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

ବଲାଙ୍ଗୀର,୨୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ କଂଗ୍ରେସ ସାଙ୍ଗଠନିକ ବୈଠକ ବ୍ଲକ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଚନ୍ଦନଭାଟିସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥିଭାବେ ରାଜ୍ୟ କଂଗ୍ରେସ ବରିଷ୍ଠ ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ଯୋଗଦେଇ ପ୍ରତ୍ୟେକ ବୁଥସ୍ତରରେ ବୁଥ କମିଟି ଗଠନ କରି ସଙ୍ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ କରିବାକୁ ଏବଂ କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାରର ଅନ୍ୟାୟ ଏବଂ ଲୋକଦେଖାଣିଆ ଅଭିସନ୍ଧି ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ଉପସଭାପତି ମନୀଷ ମିଶ୍ର, ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଘାସିରାମ ବେହେରା, ପୂର୍ବ ଜିଲା ପରିଷଦ ଅଧ୍ୟକ୍ଷ ଶ୍ରୀଧର ବାରିକ, ଜୁଲୁ ପଟ୍ଟନାୟକ, ରାଜ୍ୟ କିଷାନ କଂଗ୍ରେସ ସମ୍ପାଦକ ସରୋଜ ରଥ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ବଘାର, ବ୍ଲକ କିଷାନ କଂଗ୍ରେସ ସଭାପତି ଗଗନ ନାଥ ମଞ୍ଚାସୀନ ଥିଲେ। ବୈଠକରେ ଶଙ୍କର ପୁରୋହିତ, ଗୋପ ମେହେର, ଉମାକାନ୍ତ ନାଏକ, ଲିଙ୍ଗ ପୁଟେଲ, ସଂକୀର୍ତ୍ତନ ମେହେର, ନରେନ୍ଦ୍ର ମେହେର, ବଳଦେବ ସାହୁ, ସତ୍ୟବାନ ସାହୁ, କୁନା ମିଶ୍ର, ରଘୁମଣି ପ୍ରଧାନ, ପ୍ରୀତମ ସାହୁ, ଲକ୍ଷ୍ମୀ ନାୟକ, ପ୍ରକାଶ ବରାଇ, ଯୋଗେଶ୍ୱର ପଟେଲ, ଉଗ୍ରସେନ ରାଉତ, ଟିଙ୍କୁ ପଟେଲ, ଜୟକିଶୋର ମିଶ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।


ବ୍ଲକ କଂଗ୍ରେସ ସାଙ୍ଗଠନିକ ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ।

# ବ୍ଲକ ଅଧ୍ୟକ୍ଷଙ୍କୁ ବିଡିଓ ଚପଲରେ ପିଟିବା ନେଇ ଧମକ ଅଭିଯୋଗ

## ବ୍ଲକ ଅଧ୍ୟକ୍ଷ ସଂଘର ଖବରଦାତା ସମ୍ମିଳନୀ

- ବିଡିଓଙ୍କ ନିଲମ୍ବିତ ଦାବି
- ନଚେତ ଆସନ୍ତା ୭ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା

ଭବାନୀପାଟଣା,୨୯।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକରେ ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଭିଡିଓ କନଫରେନ୍ସ ହଲଠାରେ ଚାଲିଥିବା ଏକ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଡିଓ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁଙ୍କୁ ସମସ୍ତ ବ୍ଲକ କର୍ମଚାରୀ ଓ ଭବାନୀପାଟଣା ବିଧାୟକଙ୍କ ଉପସ୍ଥିତିରେ ଚପଲରେ ପିଟିବି ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି। ଜଣେ ଜନପ୍ରତିନିଧିଙ୍କୁ ସମସ୍ତଙ୍କ ସମ୍ମୁଖରେ ବିଡିଓ ଏପରି ଆଶାଳୀନ ଓ ଦୁର୍ବ୍ୟବହାର ଗଣତନ୍ତ୍ରର ହତ୍ୟା ସଦୃଶ୍ୟ ମନେକରି ଏହାକୁ ନେଇ ଶନିବାର ବ୍ଲକ ଅଧ୍ୟକ୍ଷ ସଂଘ ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ଆସନ୍ତା ୬।୮।୨୦୨୩ ସୁଦ୍ଧା ଭବାନୀପାଟଣା ବିଡିଓଙ୍କୁ କାର୍ଯ୍ୟରୁ ନିଲମ୍ବନ କରା ନ ଗଲେ ୭।୮।୨୦୨୩ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ଅଧ୍ୟକ୍ଷ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଜଣେ ଜନପ୍ରତିନିଧିଙ୍କୁ ବିଡିଓ ଚପଲରେ ପିଟିବି ବୋଲି କହିଥିବାରୁ ବ୍ଲକ ଅଧ୍ୟକ୍ଷଙ୍କୁ ଆସି ବିଡିଓ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ପତ୍ରରେ ଦାବି କରାଯାଇଛି। ଏହି ଦାବିପତ୍ରର ଏକକିତା ନକଲ ଓଡିଶା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ,କଳାହାଣ୍ଡି ଏସ୍‌ପି ଓ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଭବାନୀପାଟଣା ବିଧାୟକ ତଥା ପୂର୍ବତନ ବିରୋଧିଦଳ ନେତା ପ୍ରଦୀପ୍ତ ନାଏକ କରୋନାରୁ ସୁସ୍ଥ ହୋଇ ଦୀର୍ଘ ୨୭ ମାସ ପରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ବିଧାୟକ ନାଏକ ବ୍ଲକର ଭିଡିଓ କନଫରେନ୍ସି ହଲଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ବ୍ଲକ ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ତାଙ୍କ କିଛି ପ୍ରତିନିଧି, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷା, ବିଡିଓ, ୧ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ଡୁମୁରିଆ ପଞ୍ଚାୟତ ସରପଞ୍ଚ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ ସ୍ଥାନୀୟ ବିଡିଓଙ୍କୁ ମୋ ଜ୍ଞାତସାରରେ ଆପଣ କିଭଳି ଆକ୍ସନ ପ୍ଲାନ ଗୁଡିକ ପ୍ରସ୍ତୁତ କରୁଛନ୍ତି ଓ ଅନୁମୋଦନ ପାଇଁ ପ୍ରେରଣ କରୁଛନ୍ତି ବୋଲି ପଚାରିଥିଲେ। ଏହି ସମୟରେ ବିଡିଓ ଉତକ୍ଷିପ୍ତ ହୋଇ ଉପସ୍ଥିତ ସମସ୍ତଙ୍କ ସାମ୍ନାରେ ବ୍ଲକ ଅଧ୍ୟକ୍ଷଙ୍କୁ ଚପଲରେ ପିଟିବା ନେଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଏ ନେଇ ଜିଲା ବ୍ଲକ ଅଧ୍ୟକ୍ଷ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହାକୁ ଦୃଢ ନିନ୍ଦା କରାଯାଇଛି। ଶୀଘ୍ର ଏହି ଘଟଣାରେ ଜିଲାପାଳ, ରାଜ୍ୟ ସରକାର ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ବ୍ଲକ ଅଧ୍ୟକ୍ଷ ସଂଘ ସଭାପତି ବିନ୍ଦୁ ମହାନନ୍ଦ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସହସମ୍ପାଦକ ଚନ୍ଦନ କୁମାର ସେନାପତି, ସାଙ୍ଗଠନିକ ସମ୍ପାଦକ ଦୟାନିଧି ମାଝୀ, ଜିଲା ଉପସଭାପତିଙ୍କ ପ୍ରତିନିଧି ତଥା ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଉପସଭାପତିଙ୍କ ପ୍ରତିନିଧି ମନୋଜ ପଟ୍ଟଯୋଷୀ, ଜୁନାଗଡ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦେବେନ୍ଦ୍ର ମେହେର, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, କଲମପୁର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ବିହାରୀ, ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ହରିଶଙ୍କର ପାତ୍ର, ଏମରାମପୁର ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ସିଂଦେଓ ପ୍ରମୁଖ ଯୋଗଦେଇଥିଲେ।


ବ୍ଲକ ଅଧ୍ୟକ୍ଷ ସଂଘ ପକ୍ଷରୁ ଭବାନୀପାଟଣାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**୬ରେ ସନ୍ଥ ବିଜ୍ଞାନଦେବଜୀ ମହାରାଜଙ୍କ କାର୍ଯ୍ୟକ୍ରମ**

ସମ୍ବଲପୁର, (ବି.ଶଙ୍କର): କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବାହାରିଥିବା ସଂକଳ୍ପ ଯାତ୍ରା ଆସନ୍ତା ଅଗଷ୍ଟ ୬ରେ ସମ୍ବଲପୁରରେ ପହଞ୍ଚିବ। ଏହି ଅବସରରେ ମୁଦିପଡ଼ାସ୍ଥିତ ଡ. ରାଧାନାଥ କମ୍ୟୁନିଟି ହଲରେ ସନ୍ଥ ପ୍ରବର ଶ୍ରୀବିଜ୍ଞାନ ଦେବଜୀ ମହାରାଜ ସଙ୍ଗୀତମୟ ଜୟ ସ୍ୱର୍ବେଦ କଥା ପରିବେଷଣ କରିବେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ଆୟୋଜକ ସଞ୍ଜୟ ପଣ୍ଡା ଓ ଅନାମିକା ପଣ୍ଡା ଶନିବାର ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ସମାରୋହ ଅବସରରେ ୨୫ ହଜାର କୁଣ୍ଡୀୟ ସ୍ୱର୍ବେଦ ଜ୍ଞାନ ମହାଯଜ୍ଞର ମଧ୍ୟ ଆୟୋଜନ କରାଯାଉଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁରୀ ଦିନ୍ ଉପଲକ୍ଷେ ଚିତ୍ରାଙ୍କନ, ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତା, ସାକ୍ଷୀପଡା ପ୍ରାଣୀଧନ କାର୍ଯ୍ୟାଳୟ ପରିସର, ସକାଳ ୮ଟା।
- ପଶ୍ଚିମଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ପୂର୍ବାହ୍ନ ସାଢ଼େ ୧୦ଟା।
- ସମ୍ବଲପୁର ଏକତା ମଞ୍ଚର ସମ୍ବଲପୁରୀ ଦିନ୍ ପ୍ରସ୍ତୁତି ବୈଠକ, ଜିଲା ସାମ୍ବାଦିକ ଭବନ, ଅପରାହ୍ନ ୪ଟା।

## ସଂକ୍ଷେପରେ

### ସ୍କ୍ରାପ୍ ଜବତ, ଟ୍ରେଲର ଚାଳକ ଗିରଫ

**ବ୍ରଜରାଜନଗର,୨୯।୭(ବିଜୟ ବରାଡ)**

୪୯ନଂ. ଜାତୀୟ ରାଜପଥର ବ୍ରଜରାଜନଗର ଥାନା ଅଞ୍ଚଳରେ ଶୁକ୍ରବାର ରାତ୍ରିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ସ୍କ୍ରାପ ବୋଝେଇ ଟ୍ରେଲର (ସିଜି୧୩ଜେଡ୍-୮୯୩୮) ଅଟକାଇ ଯାଞ୍ଚ କରିଥିଲା। କାଗଜପତ୍ର ମାଗିବାରୁ ଚାଳକ ତାହା ଦେଖାଇପାରି ନ ଥିଲେ। ଫଳରେ ପୋଲିସ ୧୫ଟନ ୨କୁଇଣ୍ଟାଲ ଓଜନର ସ୍କ୍ରାପ୍ ଜବତ କରିଥିଲା। ଏହାର ବଜାର ମୂଲ୍ୟ ୩ଲକ୍ଷରୁ ଅଧିକ ହେବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍.କେ. ପଟେଲ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ଚାଳକ ଅମରେଶ କୁମାରଙ୍କୁ ଗିରଫ କରିଛି। ଅମରେଶଙ୍କ କହିବା କଥା ମାଲିକଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଉଲୁଣ୍ଡା ମାଇନ୍ସରୁ ଷ୍କ୍ରାପ୍ ଲୋଡ୍ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୯/୨୩) ରୁଜୁ କରି ଅମରେଶଙ୍କୁ କୋର୍ଟ ଚାଲାଣ କରିଛି।

### ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

**ରେଢାଖୋଲ,୨୯।୭ (ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ଥାନା ବୁର୍ଡା ପଞ୍ଚାୟତ ଆମ୍ବଝରୀ ଗ୍ରାମର ରଞ୍ଜନ ମିର୍ଦ୍ଧାଙ୍କ ୫ବର୍ଷର ଶିଶୁକନ୍ୟା ରିମା ମିର୍ଦ୍ଧାଙ୍କ ଶୁକ୍ରବାର ରାତିରେ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ରିମା ରାତିରେ ଘରେ ଶୋଇଥିବାବେଳେ ସାପ କାମୁଡିବାରୁ କାନ୍ଦିଥିଲେ। ପରିବାର ଲୋକେ ଉଠି ସାପ କାମୁଡିଥିବା ଜାଣିବା ପରେ ଝଡାଫୁଙ୍କା କରିବାକୁ ନେଇଥିଲେ। ପରେ ରାତି ୨ଟା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ରେଢାଖୋଲ ଡାକ୍ତରଖାନା ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରେଢାଖୋଲ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବାଲ୍ୟ ବିବାହ ସଚେତନତା

**ବ୍ରଜରାଜନଗର,୨୯।୭ (ବିଜୟ ବରାଡ)**

ସ୍ଥାନୀୟ ରାଜପୁର ପଞ୍ଚାୟତ ସଭାଗୃହରେ ଶନିବାର ସରପଞ୍ଚ ସରସ୍ୱତୀ ନାୟକଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ରୋକିବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟ, ଅଙ୍ଗନୱାଡି ଓ ଆଶା କର୍ମୀ ଯୋଗଦେଇ ନିଜନିଜର ମତ ରଖିଥିଲେ। ଯଦି କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଥାଏ ତାହାକୁ ସମସ୍ତେ ବିରୋଧ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଶେଷରେ ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ ଧନ୍ୟବାଦ ଦେଇଥିଲେ।

# ଜଣେ ଶିକ୍ଷକରେ ଚାଲିଛି ହାଇସ୍କୁଲ

## ଅନିଶ୍ଚିତତା ମଧ୍ୟରେ ପିଲାଙ୍କ ଭବିଷ୍ୟତ

**କୁଚିଣ୍ଡା,୨୯।୭(ବିରଞ୍ଚି ଦର୍ଶୀ)**

ସରକାର ଶିକ୍ଷାର ବିକାଶ କଥା କହୁଥିବା ବେଳେ ସମ୍ବଲପୁର ଜିଲା ବାମରା ବ୍ଲକରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଢୁରେଇ ପଞ୍ଚାୟତର ଶୁକଦେବ ହାଇସ୍କୁଲରେ ଜଣେ ମାତ୍ର ଶିକ୍ଷକରେ ପାଠପଢା ଚାଲିଥିବାରୁ ପିଲାଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ୧୯୮୫ରେ ସ୍ଥାପିତ ଏହି ହାଇସ୍କୁଲରେ ନବମ ଓ ଦଶମ ଦୁଇଟି ଶ୍ରେଣୀରେ ମୋଟ ୭୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏକମାତ୍ର ଶିକ୍ଷକ ଦୁଇଟି ଶ୍ରେଣୀର ସାହିତ୍ୟ, ଗଣିତ, ଇଂରାଜୀ, ବିଜ୍ଞାନ ଆଦି ବିଷୟ ପଢାଉଛନ୍ତି। ସ୍କୁଲ ପାଇଁ ୮ଜଣ ଶିକ୍ଷକ, ଜଣେ ଖେଳ ଶିକ୍ଷକ, ଦୁଇଜଣ ପିଅନ ଓ ଜଣେ ରାତ୍ର ଜଗୁଆଳି ପଦବୀ ରହିଥିବା ସ୍ଥଳେ ଏବେ ଜଣେ ଶିକ୍ଷକ, ଦୁଇଜଣ ପିଅନ ଓ ରାତ୍ର ଜଗୁଆଳି ଅଛନ୍ତି। ଗତ ଜୁନରେ ପ୍ରଧାନ ଶିକ୍ଷକ ଅବସର ଗ୍ରହଣ କରିବା ପରେ



ଢୁରେଇ ଶୁକଦେବ ହାଇସ୍କୁଲ।

ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହେଉଥିବା ଅଞ୍ଚଳବାସୀ କହନ୍ତି। ଆଉ କେଇଟା ମାସ ପରେ ଦଶମ ଶ୍ରେଣୀ ପିଲା ମାଟ୍ରିକ ପରୀକ୍ଷା ଦେବେ। ହେଲେ ବିନା ପାଠ ପଢାରେ ସେମାନେ କେମିତି ପରୀକ୍ଷା ଦେବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଏହି ସମସ୍ୟା ଯୋଗୁ ଏହି ସ୍କୁଲ ଉପରେ ନିର୍ଭର କରୁଥିବା ଢୁରେଇ ପଞ୍ଚାୟତ ବ୍ୟତୀତ ସୁନ୍ଦରଗଡ ଜିଲାର ଦୁଇଟି ପଞ୍ଚାୟତର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କ'ଣ ହେବ ତାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରପଞ୍ଚ ଜଗଦୀଶ ନାଏକ କହନ୍ତି, ସରକାର ଏହି ହାଇସ୍କୁଲକୁ ୫-ଟିରେ ରୂପାନ୍ତରିତ କରି କାମ ଆରମ୍ଭ କରିଛନ୍ତି। ହେଲେ ଶିକ୍ଷକ ଅଭାବ ସରକାରଙ୍କ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଶିକ୍ଷକ ନିଯୁକ୍ତି ନେଇ ପ୍ରଥମେ ବ୍ଲକ ଅଧିକାରୀ ଓ ପରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବା ସ୍କୁଲ ପରିଚାଳନା କମିଟି ସଭାପତି କୈଳାସ ବିହାରୀ ପଟେଲ କହନ୍ତି। ଏ ସମ୍ପର୍କରେ ସମ୍ବଲପୁର ଡିଇଓ ମୀନାରାଣୀ ମଙ୍ଗଳଙ୍କ ମତାମତ ନେବାରେ ଢୁରେଇ ଏକ ଅନୁଦାନପ୍ରାପ୍ତ ହାଇସ୍କୁଲ। ଏଥିପାଇଁ ସରକାର ନୂଆ ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି। ସେଥିପାଇଁ ଅତିଥି ଶିକ୍ଷକ ଦେବାର ବ୍ୟବସ୍ଥା କରାଯାଇଛି ଓ ଏହା ଏକସପ୍ତାହ ମଧ୍ୟରେ ପୂରଣ ହୋଇଯିବ ବୋଲି କହିଛନ୍ତି।

# ମହିଳା ମହାବିଦ୍ୟାଳୟରେ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**ସମ୍ବଲପୁର,୨୯।୭(ବି.ଶଙ୍କର)**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଏକ ଦିନିକିଆ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ପୌରୋହିତ୍ୟ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭବିଷ୍ୟତର ଶକ୍ତି ଉତ୍ସ ଉପରେ ସାରଗର୍ଭକ ବ୍ୟାଖ୍ୟାନ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନୀ ସଞ୍ଜୀବ କୁମାର ସାହୁ ଯୋଗଦେଇ ଉଚ୍ଚ ଶକ୍ତି କଣିକା ବିଷୟରେ ନିବନ୍ଧ ପାଠ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଜିତେନ କୁମାର ମିଶ୍ର, ପ୍ରଫେସର ସଚ୍ଚିନ୍ଦ୍ର ନାଥ ଷଡ଼ଙ୍ଗୀ, ପ୍ରଫେସର ଉମାଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କର୍ମଶାଳାରେ ଶତାଧିକ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଯୋଗ ଦେଇଥିଲେ।

# ବଦଳିବ ଜିଲା ବିଜେଡି ସଙ୍ଗଠନ

## ରାଜଧାନୀରେ ରାଜନେତାଙ୍କ ଜରୁରୀ ବୈଠକ

**ସମ୍ବଲପୁର,୨୯।୭ (ଶୁଭାଶିଷ ପାଢୀ)**

ଖୁବ୍‌ଶୀଘ୍ର ସମ୍ବଲପୁର ଜିଲା ବିଜେଡି ସଂଗଠନରେ ପରବର୍ତ୍ତନ ହେବ। ଖାଲି ପଡିଥିବା ଦଳୀୟ ପଦ ପୂରଣ ହେବ। ଏଥିପାଇଁ ରାଜଧାନୀର ଶଙ୍ଖ ଭବନରେ ଶନିବାର ବୈଠକ କରାଯାଇ ଜିଲାର ଦଳୀୟ ନେତାମାନଙ୍କୁ ଡକାଇ ପରାମର୍ଶ ନିଆଯାଇଛି। ସମସ୍ତଙ୍କ ମତାମତ ସଂଗ୍ରହ କରାଯାଇ ବିଧାନସଭା ମଣ୍ଡଳୀ ଅନୁସାରେ କେତେଜଣ ସ୍ଥାନୀୟ ନେତାଙ୍କୁ ଏଥିପାଇଁ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱରରେ ଜିଲାରୁ ହାତଗଣତି କେତେଜଣ ନେତା, କର୍ମୀ ଯୋଗ ଦେଇଥିବାବେଳେ ସମ୍ବଲପୁରରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଦିନତମାମ ଆଲୋଚନା ଲାଗିରହିଥିଲା। ଏପରି କି ଅଗଷ୍ଟ ପ୍ରଥମ ସପ୍ତାହରେ ପରିବର୍ତ୍ତନ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି। ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ (ବବି), ଭଟ୍‌ଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଉପସ୍ଥିତ ରହି ନେତାଙ୍କଠାରୁ ପରାମର୍ଶ ନେଇଥିଲେ। ଏହାସହ ଜିଲାରେ ପୁରୁଣା କର୍ମୀଙ୍କୁ ଅଗ୍ରାଧିକାର ନେଇ ଦଳୀୟ ସଭାସମିତିକୁ ନିମନ୍ତ୍ରଣ କରିବା, ଯୁବ, ମହିଳାଙ୍କ ସଂଗଠନ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଦଳର ସଂଗଠନ ପାଇଁ ସମୟ ଦେଇ କାମ କରିପାରୁଥିବା କର୍ମୀଙ୍କୁ ପଦପଦବୀରେ ରଖିବାକୁ ତାଲିକା କରିବାକୁ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ବିଶାଳ ଦାସ, ଦେବେନ କିଶୋର ପତି, ଏମ୍‌ବି ସତ୍ୟନ, ରେଢାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଭୁବନ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ସ୍ୱତନ୍ତ୍ର ଭାବେ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହାଙ୍କୁ ମଧ୍ୟ ଡକାଯାଇଥିଲା। ଶଙ୍ଖ ଭବନରେ ମୁଖ୍ୟତଃ ନେତାମାନେ ସମ୍ବଲପୁର ବିଧାନସଭା ସଂଗଠନ ଉପରେ ଆଲୋଚନା କରିଥିଲେ। ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ଭାବେ ବବି ଦାସ ଦାୟିତ୍ୱ ପାଇବା ପରେ ତୁହାକୁ ତୁହା ବୈଠକ ହେଉଛି। ଦଳୀୟ ସଂଗଠନ ସଜାଡିବାକୁ ସାଙ୍ଗଠନିକ ସମ୍ପାଦକ ପୂରା ଦମରେ ଲାଗି ପଡିଛନ୍ତି। ଏହା ଦଳ ପାଇଁ ଶୁଭ ସଙ୍କେତ ବୋଲିଏଠାରେ ଆଲୋଚନା ହେଉଛି।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ଦେବଗଡ଼, ୨୯।୭(ଶଶାଙ୍କ ଶେଖର ଝଙ୍କର)**

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାକୁ ମୁଖ୍ୟ ଅତିଥି ଭାବେ ସୁରୁଡା କ୍ଲଷ୍ଟରର ସିଆରସିସି ପ୍ରାଣବନ୍ଧୁ ଘଡେଇ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ବିଦ୍ୟାଳୟର ମୋଟ ୪୪୮ ଜଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୩୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ବିଚାରକ ଭାବେ ଜିତେନ୍ଦ୍ର କୁମାର ଦ୍ୱିବେଦୀ, ସାତ୍ୟକିସୌମ୍ୟରଞ୍ଜନ ବେହେରା, ପ୍ରାଣବନ୍ଧୁ ଘଡେଇ, ଭୋଳେଶ୍ୱର ସାହୁ ଓ ଭାଗ୍ୟଶ୍ରୀ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ସଂସ୍କୃତିଜ୍ଞାନ ଓ ମୂର୍ତ୍ତି ନିର୍ମାଣ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ଏଥିରେ ସହଯୋଗ କରିଥିଲେ।


ମହରମ ଉପଲକ୍ଷେ ଶନିବାର ସମ୍ବଲପୁର ଦଳେଇପଡ଼ାଠାରେ ଯୁବକମାନେ ଆଖଡ଼ା ପ୍ରଦର୍ଶନ କରୁଛନ୍ତି।

# ଟିପିଡବ୍ଲ୍ୟୁଓଡିଏଲ୍ କେନ୍ଦ୍ରରେ ଏନ୍‌ଡିଆର୍‌ଏଫ୍‌ର ତାଲିମ


ତାଲିମ କାର୍ଯ୍ୟକ୍ରମରେ କମ୍ପାନୀ କର୍ମଚାରୀଙ୍କ ସମେତ ବିପର୍ଯ୍ୟୟ ସେଲ୍‌ର ଅଧିକାରୀମାନେ।

**ସମ୍ବଲପୁର,୨୯।୭(ଶୁଭାଶିଷ ପାଢୀ)**

ସମ୍ବଲପୁର ଗୋଶାଳାରେ ଥିବା ଟିପିଡବ୍ଲ୍ୟୁଓଡିଏଲ୍ ତାଲିମ କେନ୍ଦ୍ରଠାରେ ଏନ୍‌ଡିଆର୍‌ଏଫ୍ ତୃତୀୟ ବାଟାଲିୟନ କଟକ ପକ୍ଷରୁ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୫୦ଜଣ ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀଙ୍କ ସମେତ ଜିଲା ବିପର୍ଯ୍ୟୟ ସେଲର ଡିପିଓ ଗୀତାଞ୍ଜଳି ସା, ଡାମିୟନ ଲାକ୍ରା, ଡମ୍ବରୁଧର ଓଝା, ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର ସୌମ୍ୟାଶ୍ରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ପ୍ରଶାସନ ଓ ଜିଲା ବିପର୍ଯ୍ୟୟ ପରିଚାଳନା ସେଲ ସମ୍ବଲପୁର ତରଫରୁ ଏହା ଆୟୋଜିତ ହୋଇଥିଲା।

# କମ୍ୟୁନିଟି ଟଏଲେଟ ଉଦ୍‌ଘାଟିତ

**ସମ୍ବଲପୁର,୨୯।୭(ବି.ଶଙ୍କର)**

ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ କମ୍ୟୁନିଟି ଟଏଲେଟ ଶନିବାର ଠେଲକୋଲୋଇଠାରେ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ଭାଇସ ପ୍ରେସିଡେଣ୍ଟ ମାନବ ସମ୍ବଳ ଜେ.ପି. ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିପିଏସ୍‌ଏଲ୍ ସିଏସ୍‌ଆର୍ ମୁଖ୍ୟ ବିଶାଳ ରାଜ, ଆସୋସିଏଟ ଭାଇସ ପ୍ରେସିଡେଣ୍ଟ ନାଗରିକ ପ୍ରୋଜେକ୍ଟ ମିହିର ମିଶ୍ର, ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ସିଭିଲ ଡେନିସ ନାୟକ ଓ ଡେପୁଟି ମ୍ୟାନେଜର ଜନସମ୍ପର୍କ ବିଭାଗ ପ୍ରମୋଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ପରିମଳ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଟଏଲେଟ କାର୍ଯ୍ୟକ୍ଷମ ହେବାରୁ ବିଭିନ୍ନ ପ୍ରକାର ଅଜଣା ରୋଗ ହ୍ରାସ ପାଇବ। ଏଥିସହ ସାମୂହିକ ସାମାଜିକ ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

# ଚୋରି ଘଟଣାରେ ୩ ଗିରଫ

**କୁଚିଣ୍ଡା,୨୯।୭(ବିରଞ୍ଚି ଦର୍ଶୀ)**


ଗିରଫ ଅଭିଯୁକ୍ତମାନେ।

ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲରେ ୩ ଦିନ ତଳେ ହୋଇଥିବା ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କଠାରୁ ଚୋରି ୪୦ହଜାର ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ମହାରାଷ୍ଟ୍ର ରାଜ୍ୟ ନାଗପୁର ଅଞ୍ଚଳର ପ୍ରେମଲାଲ ବାବର (୩୭), ସନ୍ତୋଷ ବାବର (୪୦) ଓ ପାଣ୍ଡୁରାଙ୍ଗା ବାବର (୨୦)।

ସୂଚନା ଅନୁଯାୟୀ, ନାକଟିଦେଉଳ ଥାନା ବାହିନିପଡିଆ ଗ୍ରାମର ପଦ୍ମିନୀ ମରେଇ ମହୁଲପାଲି ଥାନା ଜରାବଗା ସ୍କୁଲରେ ଶିକ୍ଷକତା କରି କେଶାଇବାହାଲଠାରେ ଏକ ଭଡ଼ାଘରେ ରୁହନ୍ତି। ଗତ ୨୬ ଓ ୨୭ ତାରିଖ ମଧ୍ୟରାତ୍ରିରେ ତାଙ୍କ ଭଡାଘରୁ ୫୦ଗ୍ରାମ ସୁନା ଓ ୪୦ହଜାର ଟଙ୍କା ଚୋରି ହୋଇଥିଲା। ଏ ନେଇ ସେ ଶୁକ୍ରବାର ମହୁଲପାଲି ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୮୪/୨୩) ରୁଜୁ କରି ତଦନ୍ତ କରିଥିଲା। ପଦ୍ମିନୀ ରହୁଥିବା ଭଡା ଘର ସିସିଟିଭି ଅଞ୍ଚଳ ପରିସର ହୋଇଥିବାରୁ ଏହାର ଯାଞ୍ଚ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ପୋଲିସ କୁଚିଣ୍ଡା ଥାନା ପାରୁଆଭାଡି ପଟାସ ଫିଲ୍ଡ ଛକରୁ ଗିରଫ କରିଛି। ଅଭିଯୁକ୍ତମାନେ ହାତ ଦେଖିବା ବାହାନାରେ ବିଭିନ୍ନ ଗ୍ରାମକୁ ଯାଇ ଏଭଳି କାଣ୍ଡ ଭିଆଉଥିବା ଘଟଣାର ତଦନ୍ତ କରୁଥିବା ମହୁଲପାଲି ଥାନା ଏସ୍‌ଆଇ ଦିଲିପ ବେହେରା କହିଛନ୍ତି।

# ଜିଏମ୍‌ୟୁ ପଦାର୍ଥ ବିଜ୍ଞାନ ବିଭାଗରେ ପ୍ରସାରଣ କାର୍ଯ୍ୟକ୍ରମ

**ସମ୍ବଲପୁର,୨୯।୭(ବି.ଶଙ୍କର)**

ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପଦାର୍ଥ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନରେ ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନରେ ଗବେଷଣା ଓ କିପରି ଆଗକୁ ଭବିଷ୍ୟତ ଗଠନ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଡ. ସଚ୍ଚିନ୍ଦ୍ରନାଥ ଷଡ଼ଙ୍ଗୀ ଗବେଷଣା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଅଧ୍ୟାପିକା ଡ. ପ୍ରଣତୀ ପୁରୋହିତ ସଭା ପରିଚାଳନା କରିଥିଲେ। ଜିଏମ୍‌ୟୁ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ, ଡ.ଗଙ୍ଗାଧର ବେହେରା, ଅଧ୍ୟାପିକା ଡ. ନମିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଡ. ଯଶୋବନ୍ତ ଶେଖର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସାରଣ କାର୍ଯ୍ୟକ୍ରମରେ ଅତିଥିମାନେ।

# ରେଙ୍ଗାଲି ଏସ୍‌ଡିଏ ପାର୍କ ଜରାଜୀର୍ଣ୍ଣ

## ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ କରିବାକୁ ଦାବି

**ସମ୍ବଲପୁର,୨୯।୭ (ଶୁଭାଶିଷ ପାଢୀ)**

ରେଙ୍ଗାଲିରେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ପକ୍ଷରୁ ନିର୍ମିତ ପାର୍କ ଜରାଜୀର୍ଣ୍ଣ ହୋଇପଡିଛି। ଯାହାକିଛି କାମ ହୋଇଥିଲା ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହେବାକୁ ବସିଛି। ଏହାକୁ ନେଇ ଶନିବାର ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତିଙ୍କ ସମେତ ନିର୍ବାଚିତ ପ୍ରତିନିଧି ତଥା ସଚେତନ ନାଗରିକ ପାର୍କ ପରିଦର୍ଶନ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ।


ରେଙ୍ଗାଲି ପାର୍କ ପରିଦର୍ଶନ ଅବସରରେ ପୂର୍ବତନ ଅଧ୍ୟକ୍ଷ ଓ ଅନ୍ୟମାନେ।

ସେମାନେ ଅଭିଯୋଗ କରିଥିଲେ, ୨୦୧୮ ଜାନୁୟାରୀ ୨ରେ ପାର୍କ କାମ ଆରମ୍ଭ ହୋଇଥିଲା। ତତ୍କାଳୀନ ଜିଲାପାଳ ସମର୍ଥ ବର୍ମା, ପ୍ରାଧିକରଣ ସଚିବ ରାଜେଶ ଅଗ୍ରୱାଲଙ୍କ ସମେତ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଏହାର ଶିଳାନ୍ୟାସ ହୋଇଥିଲା। ପ୍ରାୟ ୫ଏକର ଜମି ପାର୍କ ନାମରେ କରାଯାଇଥିଲା। ଏହି ଜମିରେ ପୋଖରୀ ଖନନ, ଜଳ ନିଷ୍କାସନ ପାଇଁ ଛୋଟ ପୋଲ ନିର୍ମାଣ, ଟିକେଟ ଘର, ଷ୍ଟୋର କୋଠରି ଆଦି ନିର୍ମାଣ ହୋଇଥିଲା। ମୁଖ୍ୟ ରାସ୍ତାକୁ ସଂଯୋଗୀକରଣ ରାସ୍ତା ମଧ୍ୟ ହୋଇଥିଲା। ପୋଖରୀରେ ଡଙ୍ଗା ଚାଳନା ଓ କ୍ରୀଡା ସାମଗ୍ରୀ ଲଗାଯାଇଥିଲା। ପ୍ରକଳ୍ପର ୭୫ ଭାଗ କାମ ସମ୍ପୂର୍ଣ୍ଣ ହୋଇସାରିଥିଲା। କିନ୍ତୁ ୨୦୧୯ ମସିହା ପରେ ବାକି ୨୫ ପ୍ରତିଶତ ଭାଗ କାମ ହୋଇପାରି ନାହିଁ। ପାର୍କରେ ଅନାବନା ଘାସ, ଲତା ମାଡିବା ସହ ପାଥ୍‌ୱେ ଓ ବୋଟ୍‌ର ଯନ୍ତ୍ରପାତି ନଷ୍ଟ ହେବାକୁ ବସିଛି। ସମସ୍ତେ ଏହି ଦୃଶ୍ୟ ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ନେଇ ଆଗାମୀ ଦିନରେ ଆର୍‌ଡିସି, ଜିଲାପାଳ, ଏସଡିଏ ସଚିବଙ୍କୁ ସାକ୍ଷାତ କରି ଅନୁରୋଧ ଜଣାଇବେ। ଯଦି ସମାଧାନ ନ ହେବ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଜିଲା ପରିଷଦ ସଦସ୍ୟା ଚୋଳେଶ୍ୱରୀ ମହାନନ୍ଦ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ପୂର୍ବତନ ବ୍ଲକ ସଭାପତି ପ୍ରଦୀପ କୁମାର ସାହୁ, ମହେନ୍ଦ୍ର ଓରାମ, ନରେନ ଶର୍ମା, ସୁନୀଲ ପ୍ରଧାନ, ତରଣିସେନ ସାହୁ, ଫିରୋଜ ବାଗ, ତୁଳସୀଦାସ ଓରାମ, ସନ୍ତୋଷ ସିଂ, ରୋଶନ ପ୍ରଧାନ, ରାଜେଶ ମହାନନ୍ଦ, ଆକାଶ ପଣ୍ଡା, ଅକ୍ଷୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

